ନରାଜ ।

କଟକ ଟ୍ରେଡିଂ କମ୍ପାନୀ

Digitized by srujanika@gmail.com

NARAJA

BY

MRUTYUNJAYA RATH.

ନରାଜ

୬/ ମୃତ୍ୟୁଞ୍ଜୟ ରଥ କର୍ତ୍ତୃକ

ପ୍ରଣୀତ

ତୃତୀୟ ସଂସ୍କରଣ

CUTTACK TRADING Co.,
Balubazar, Cuttack.
1928

ମୂଲ୍ୟ ଦୁଇଅଣା   ୫ ° ,, ମାଧ

Digitized by srujanika@gmail.com

ନିବେଦନ

ଗତ ମାର୍ଚ୍ଚ ମାସ ତା ୨୦ ରିଖ ରବିବାର ଫଗୁଦଶମୀ ଦିନ ଜଗନ୍ନାଥ ଦର୍ଶନ ପ୍ରଥମ, ମୋହର ଭାଗ୍ୟରେ ଘଟିଥିଲା । ସେହି ଦିନ ସେଠାରେ ମଧ୍ୟାହ୍ନ ସମୟରେ ପ୍ରସିଦ୍ଧ ସିଦ୍ଧ-ନାଥ ମଠର ନିକଟରେ ବସି ମୁଁ ହଠାତ୍ କାହିଁ ପ୍ରଣୋଦିତ ହୋଇ ଏ ଅନଭ୍ୟସ୍ତ ହସ୍ତରେ ପଦ୍ୟ କେତେକ ପଂକ୍ତି ଲେଖିଥିଲି । ନିକଟରେ ମୋହର ଜଣେ ଅନ୍ତରଙ୍ଗ ବନ୍ଧୁ ତାହା ଦେଖିପାରି ତାହାର ବହୁ ପ୍ରଶଂସା କଲେ ଏବଂ କବିତାଟି ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପୁନଃ ପୁନଃ ଅନୁରୋଧ କରିଥିଲେ । ମୁଁ ପରବର୍ତ୍ତୀ ଦିନମାନଙ୍କରେ ତାହା ପୂର୍ଣ୍ଣ କରି ରଖି, ଏତେ ଶୀଘ୍ର ଛପାଇବାକୁ ସ୍ଥିର କରି ନ ଥିଲି । କିନ୍ତୁ ଏହାର ପ୍ରକାଶ ବିଷୟରେ ମୋହର ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ଚନ୍ଦ୍ରମୋହନ ମହା-ପାତ୍ର, ଶ୍ରୀ ସୁଧାମଚରଣ ନାୟକ, ଶ୍ରୀ ବ୍ରଜସୁନ୍ଦର ଦାସ, ଶ୍ରୀ ନନ୍ଦକିଶୋର ବଳ ଏବଂ ଶ୍ରୀ ବୈଷ୍ଣବନାଥ କର ମହାଶୟମାନେ ମୋହଠାରୁ ଯଥାର୍ଥ ହୋଇ ଏହାର ପାଣ୍ଡୁଲିପି ଥରେ ଆମୂଳ ପାଠ ପୂର୍ବକ ଅନୁକୂଳ ମତ ପ୍ରଦାନଦ୍ୱାରା ମୋତେ ଉତ୍ସା-ହିତ କଲେ । ତେଣୁ ମୁଁ ସେମାନଙ୍କଠାରେ କୃତଜ୍ଞତା ଜ୍ଞାପନ ପୂର୍ବକ ଏହା ପ୍ରକାଶ କରିବାକୁ ସାହସୀ ହେଲି । ପ୍ରକାଶଥାଉ କି, ସମାଲୋଚକମାନେ ଏହାକୁ ପ୍ରୀତି-ଚକ୍ଷୁରେ ଦେଖିବେ ଏବଂ ପାଠକ ସମାଜରେ ଏହାର ଆଦର ହେବ ବୋଲି ଆଶା କରୁ ନ ଥିଲି । ତେବେ ଯେଉଁ ସ୍ଥାନରେ ଅନ୍ତର ମତଭେଦ ଘଟିଲା, ତାହା ଯଥାସମ୍ଭବ ପରିବର୍ତ୍ତିତ ହୋଇଅଛି ।

କଟକ ୧୫ । ୫ । ୧୯	ବିନୀତ ଗ୍ରନ୍ଥକର୍ତ୍ତା

Digitized by srujanika@gmail.com

ବିବିଧ ସଦ୍ଗୁଣଭୂଷିତ ସାହିତ୍ୟରସିକ ଏବଂ
ସାହିତ୍ୟ ସେବାର ଜଣେ ପରମ ଉତ୍ସାହଦାତା

ରାୟ ସୁଦାମଚରଣ ନାୟକ

ବାହାଦୁରଙ୍କ

ଶ୍ରୀକରକମଳରେ—

ରୋପିତ ଉତ୍ସାହ-ବୃକ୍ଷର ଆଦ୍ୟଫଳସ୍ୱରୂପ
ଏ କ୍ଷୁଦ୍ର

'ନରାଜ'

ତଦୀୟ ଗୁଣମୁଗ୍ଧ ପ୍ରଣେତାଙ୍କଦ୍ୱାରା
ଅର୍ପିତ ହେଲା

Digitized by srujanika@gmail.com

ନରାଜ

'ବୌଦ୍ଧ କୀର୍ତ୍ତି ରତ୍ନ—ମଣ୍ଡିତ ନରାଜ'
ସତେ କି ଏ ନେନେ ଧରାଜବ ଆଜ ?
ଭେଟାଇଲା ଆଦ୍ୟେ ଏନ୍ଧ ଆଶାବନ୍ଧ
ସନ୍ଧ୍ୟାଟନବନ୍ଧୁ କାଠଯୋଡ଼ୀ-ବନ୍ଧ ।
ବାଳଭାନୁ ସ୍ୱର୍ଣ୍ଣ- କିରଣେ କ୍ଷୁରିତ
ସିକତାଶୟନ ଦିଶେ ଶ୍ୱେତପୀତ ।
ଶବଳିତ ଶଯ୍ୟା ତେଜି ପଶ୍ଚିମାସ୍ୟେ
ପଶ୍ଚିମାଶାପଥ ଧାରୁଁ ପୂର୍ଣ୍ଣ-ଆଶେ
ପ୍ରାଚୀର ଆକାରେ ଦୂରୁ ଶୈଳରେଖା
ନୀଳ ବ୍ୟୋମତଳେ ଠୁଳେ ଦେଲା ଦେଖା ।
ଏକେ ଏକେ ପାଶେ ହେଲେ ସୁବ୍ୟକ୍ତ
କେ ନୀଳ ହରିତ ମିଶ୍ର ଆରକ୍ତ ।
ଦକ୍ଷିଣେ ପାଟଳ ନେତଲ ମୁଣ୍ଡିଆ
ଭାଲୁକା ଚଢ଼ଙ୍ଗ ପାଶେ ପାଶେ ଠିଆ ।
ଉତ୍ତରେ ଖଧାର— ପୁର ଟାଙ୍ଗି ଦିଶେ
ଛେନ ସୀମାପ୍ରାନ୍ତ— ସେହୁ ସତେ କି ସେ ?

Digitized by srujanika@gmail.com

ମଧ୍ୟେ ବହୁଜଇ   ସିନ୍ଦୂର ତରଣୀ
ଚର୍ଚ୍ଚିକାଗାମିନୀ   ଗୈରିକ ସରଣୀ ।
ମୂଳେ ମୂଳେ ଯାଇ   ଏହି ଟାଙ୍ଗି ଅନ୍ତେ
ପ୍ରଣତୀ ପ୍ରଣୟି—   ପ୍ରତ୍ୟାଶେ ଚଳନ୍ତେ
ଦିଶିଲା ଅଦୂରେ   ନଗ୍ରଜ ମୁହାଣ
ଉତ୍କଳେ ପ୍ରୟାଗ— ନାମେ ଯାର ଟାଣ ।
କାଠଯୋଡ଼ୀ ଯହିଁ   ଲଭିଛୁ ଜନମ
ବେନ ସଙ୍ଗ ତହିଁ   କିବା ମନୋରମ !
ତୀରେ ବିରାଜିତ   ମହା-ଗ୍ରୁମ୍ୟାବଟ ,
ଉତ୍କଳେ ଏହି କି   ହେବ ଶ୍ୟାମବଟ ?
ଘଞ୍ଚ ଡାଳପତ୍ରେ   ଥିବାରୁ ସୁସଞ୍ଚ
ଛୁଇଁ ନ ପାରଇ   ଆତପ ଯା ମଞ୍ଚ ।
ଦିନମାନ ଏଥି   ପାଷାଣ ଦନ୍ଧାଣୀ
ଯାପନ୍ତି ଆତପ-   କଷଣ ନ ଜାଣି ।
ଗ୍ରୀଷ୍ମେ ଥୋକେ ତାପ   ଦେଖିଲେ ଅନଳ
ଆଶ୍ରାନ୍ତ ମଧ୍ୟାହ୍ନେ   ଯା ଶୀତଳ ତଳ ।
ସେହି ବଟମୂଳୁଁ   ନଇଗ୍ରତେ ଯାନ୍ତେ
ପଡ଼ିଲେ ନଗ୍ରଜ—   ଯାତ୍ରୀ ନେତ୍ରପ୍ରାନ୍ତେ ।
କେ କେତେ କରମେ   ଯାଉଛନ୍ତି ମାଡ଼ି
ଅମନେ ବନ୍ଧୁ ରୂ—   ପଥେ ବାନ୍ଧ ଧାଡ଼ି ।

Digitized by srujanika@gmail.com

ବେଉଲ୍ ଝୋଳାଇ   କାଖେ କାଖିଆଇ
ଶବର ପୁରନ୍ଧ୍ରୀ   ଗମନ୍ତ ଧୂଆଁଇ ।
ଜଞ୍ଜାଳ ଝଞ୍ଜାରେ   କ୍ଷେପି କ୍ଷିପ୍ରେ ପାଦ
ଲକ୍ଷ୍ୟ ସ୍ଥାନେ ଯାନ୍ତି   ନ ଗଣି ପ୍ରମାଦ ।

ପୂରିଲେ ଭୂଜନ   ଫେରିବେ ଭବନେ
ନିଜ ପଣ୍ୟ ଘେନି   ଆଶାପୂର୍ଣ୍ଣ ମନେ ।

ବାହୁଡ଼ନ୍ତ କେହୁ   ଖଣ୍ଡ ଶିଳା ଶିରେ
ପାର୍ଶ୍ୱ-ପଲ୍ଲୀ ପ୍ରୌଢ଼ା ଯୁବତୀଏ ଧୀରେ ।
ଦିଶନ୍ତ ଏ ଖିନ୍ନା   ଗ୍ରୀବା ସଙ୍କୋଚରେ
ମ୍ଳାନ ଗଣ୍ଡ ଯୁଗେ   ସ୍ୱେଦଧାରା ଝରେ ।
ବିଷାଦ ଭାବନା—   ମିଶ୍ରିତ ବରଣେ
ଅଙ୍କିତ ବଦନ,   ତାଙ୍କ ଅପଘନେ
ହିମପାତେ ମ୍ଳାନ   କମଳ ପରିଏ
ଖଣ୍ଡିତ ମୃଣାଳ—   ଗଳେ ଶୋଭା ପାଏ ।
ବନ୍ଧୁରିତ ଉର   ବଳଦ୍ଧିତ ବାସେ
ନୁହେ ହ୍ରଦ ନଦୀ—ଭୂତ ଲଜ୍ଜାନାଶେ ।
ସ୍ଥିର ରଖି ବେନି   ଚକ୍ଷୁ ନାସାମୂଳେ
ଗମନ୍ତ ମନ୍ଥରେ   ଆହା କି ମଣ୍ଡଳେ ?
ଭାରବନ୍ତ ଶିଳ   ବସାଇ ମସ୍ତକେ
ଆସୁଛନ୍ତ ଥୋକେ ଖଣିରୁ ବାହକେ ।

Digitized by srujanika@gmail.com

ତାଙ୍କ ବନା ଆଉ   ସେ ଶିଳାଭାଜନ *
ବହିବାକୁ କିଏ   ହେବ ବା ଭାଜନ ?
ଉଦର ଯନ୍ତ୍ରଣା   କରେ କଦର୍ଥନା
ସେଥିପାଇଁ କାର   ନ ଥାଏ ଶୋଚନା ।
ନାହିଁ ସାଧ କେଣେ   ଫୁଟିବାକୁ ମୁଖ
ସହନ୍ତି ସମ୍ମୁଖେ   ତପନ-ମୟୂଖ ।
ବେନି କର୍ଣ୍ଣମୂଳେ   ସ୍ୱେଦଜଳଧାର
ବହିଯାଏ ଶୈଳ—   ଗର୍ତ୍ତୁ ଝଙ୍କାର ।
ଖଣି ଗର୍ତ୍ତେ କେତେ   ଶିଳା ଶିଳ୍ପୀ ଛପି
କାଟୁଛନ୍ତି ଶିଳା   ଜଳପି ଜଳପି ।
ଶାର୍ଦ୍ଦୂଳ ପରାଏ   ଗରଜ୍ଜି ଶାବଳ
ପ୍ରବଳ ଟଙ୍କାରେ   ଟାଳଇ ପଥର ।
ଯନ୍ତ୍ର ଦେନ ଥୋକେ   ଗଢ଼ନ୍ତି ବର୍ଦ୍ଧକୀ
ଶିଳ ଶିଳପଟା   ଖମ୍ବ ଖୁଣ୍ଟି ଚକି ।

ଛାୟାପ୍ରଦ ବଟ   ପନସ ରସାଳ—
ଆଦି ଦ୍ରୁମ ପାଶେ   ଶୋହେ ଯେଉଁ ମାଳ,
ନଈ ପାରି ହୋଇ   ଦୂର ଶଗଡ଼ିଆ
ଛାୟାତଳେ ଯାଇ   ହୋଇ କ୍ଷଣେ ଠିଆ,
ଚଳନ୍ତି ଅଦୂର   ସ୍ଥଳେ କେ ଉପେକ୍ଷି,
କେହି ବା ଲାଗନ୍ତି   ପାକେ ବେଳ ଦେଖି ।

* ଭାଜନ—ବୋଝ

Digitized by srujanika@gmail.com

ସେ ମାଳ ଦକ୍ଷିଣେ   ନଦୀ ପୂର୍ବପାରେ
ନଗ୍ନ ଅଚଳ   ଠିଆ ନିଜ ଭରେ ।
କଣ୍ଟାବଣ କୁଞ୍ଜ   ପୁଞ୍ଜ ପୁଞ୍ଜ ଅଙ୍ଗେ
ବାଉର ଶତରେ   ତହିଁ କି ଅଭଙ୍ଗେ !
କାଟୁଛନ୍ତି କଣ୍ଟା   ଏଣେ ତେଣେ ବୁଲି,
କରେ ଲଗ୍ନ ତୀକ୍ଷ୍ଣ   କଟୁର ସବୁର ।
ଧନଯାକ କଣ୍ଟା   କାଟି ଯେଉଁ ଜନେ
ପରଦ୍ଧନ ପ୍ରାତେ   ଚଳନ୍ତି ସଗଣେ ।
ଚଳଗୁଳ୍ମ ରେଖା   ପର୍ବନ୍ତେ ସେ ଦଳ
କାଠଯୋଡ଼ୀ ଗର୍ଭେ   ଦଶେ ଅବକଳ ।
ନାହିଁ ତାଙ୍କ କ୍ଷୁଧା   ତୃଷା ପଥଖେଦ
ଏ ବୌଦ୍ଧ ଅଚଳେ   ମଣନ୍ତି ଅଭେଦ ।
ଅଚଳ ମୂରତି   ପଡ଼ନ୍ତେ ନୟନେ
ତା କଳ୍ପିତ ରୂପ   ଛପିଲା ତକ୍ଷଣେ ।
ନୁହେ ଏ ଶଇଳ   ସୁନ୍ଦର ତେସନ,
ମୟୂରଭଞ୍ଜେ (୧) ଶୋହେ   ଯେହ୍ନେ ମେଘାସନ,
ଉତ୍କଳ ଶିଖର—   କୁଳେ ଯାର ନାମେ
ପତଅଛୁ ଗାର   ଖ୍ୟାତ-ଶୀର୍ଷ ଧାମେ ।

(୧) ମୟୂରଭଞ୍ଜରେ (୨) ଗୋନାସିକା ଶୈଳର ପାଦଦେଶରେ ଋଷିସଭ୍‌ନାମକ ସ୍ଥାନ ଋଷିବାସର ସୂଚକ । ଏହିଠାରେ ଆଦ୍ୟା ବୈତରଣୀ ଗଙ୍ଗା;

Digitized by srujanika@gmail.com

ଉତ୍କ୍ଷିତା ଯାର ଶିଖରେ ବିଳସି
ନବମେଘକେ ମିଶି— ଯାଏ ସେ ନଭସି ।
ଲହଡା ସୀମନ୍ତ ଗିରି ମାଲ୍ୟବନ୍ତ
ବିବିଧ ବିଭବେ ପୂରିତ ଯେମନ୍ତ ।
ଅସମ୍ଭବ ତାହା ସଙ୍ଗେ ହ୍ୱାର ତୁଳା
କବି କଳପନା ଏଥି ପ୍ରତିକୂଳା ।
କେନ୍ଦୁଝର ଶିରୀ ଗିରି ଗୋନାସିକା
ତପୋରତ ରୃଷି— ବାସ ପ୍ରକାଶିକା [୨]
ଯଜ୍ଞକାଳେ ଯହିଁ ହୋମାନଳକୁଣ୍ଡେ
ମ୍ଳେଚ୍ଛ କରଚ୍ଛିନ୍ନ ଧେନୁମୁଣ୍ଡ କୁଣ୍ଡେ
ପଡନ୍ତେ ରୁଧିର— ଧାର ନାସାରନ୍ଧ୍ରୁ
ଝରି କଳୁଷିତ କରିଲା ତହିଁରୁ
ଗୋନାସିକା ଆଖ୍ୟା— ଧରି ଯେ ଶଇଳ
ବ୍ରହ୍ମାବରେ ଗଙ୍ଗା— ପ୍ଲାବିତ ଶରୀର

ଲେଖାଅଛି । ଏହାର ନାମକରଣ ସମ୍ବନ୍ଧରେ ଏହି କିଂବଦନ୍ତୀ ଅଛି ଯେ,ଋଷିମାନେ ଯଜ୍ଞ କରୁଥିବାବେଳେ ଅନାର୍ଯ୍ୟ ମାନେ ଗୋଟିଏ ଗୋରୁର ଶିରଚ୍ଛେଦନ କରି ହୋମକୁଣ୍ଡରେ ପକାଇ ଦେଇଥିଲେ । ସେହି ଗୋନାସିକାରନ୍ଧ୍ରରୁ ରକ୍ତ ବହି ଯଜ୍ଞକୁ କଳୁଷିତ କରିବାରୁ ସେମାନେ ବ୍ରହ୍ମାଙ୍କୁ ସ୍ତୁତିକଲେ ଏବଂ ତାଙ୍କ ପ୍ରସାଦରେ ସେଠାରେ ଆଦ୍ୟାବୈତରଣୀ ଗଙ୍ଗା ଆବିର୍ଭୂତା ହୋଇ ସେ ସ୍ଥଳ ପବିତ୍ର କଲେ ।

Digitized by srujanika@gmail.com

ଯା ପାଦୁ ସମ୍ଭବ   ଆଦ୍ୟା ବୈତରଣୀ
ପୁଣ୍ୟା ପୟସ୍ୱିନୀ   ପତିତ-ପାବନୀ

ଆଦ୍ୟା ରାଜଧାନୀ   ପାଦ ଧୋଇ ମୁଦେ
ମିଶାଇଛି ଉଦ   ମହୋଦଧିହ୍ରଦେ ।

ତନୁଜା ଗର୍ବିଣୀ   ତାହା ନକଟେ କି
ରହିବ ନରାଜ   ଦଣ୍ଡେ ମୁଣ୍ଡ ଟେକି ?

ନୀଳଗିରି ଗିରି—   ମାଳେ ନୀଳତମ
ପାର୍ଶ୍ୱ ଶୈଳ ବ୍ରଜେ   ଦେବଶ୍ରେଷ୍ଠୋପମ,

ଟେକିଥାଏ ନିତ   ଯାର ଶିରେ ଛତ
ହେମରେଖାକାରେ   ଜୀମୂତସଂହତ ।

ସେ ସ୍ୱର୍ଣ୍ଣଚୂଡ଼ର   ସମ ନାହିଁ ସ୍ମାର
ତୁଙ୍ଗ ଶୃଙ୍ଗ, ଅନ୍ୟେ   କରେ ଯା ଧିକ୍କାର ।

ଦର୍ପଣ ମଣ୍ଡଳେ   ଦର୍ପେ ଦଣ୍ଡାୟିତ
ପଞ୍ଚ ଦେବ ଅଧି—   ଷ୍ଠାନେ ପ୍ରତିଷ୍ଠିତ ।

ସ୍ତବକିତ ସ୍ତୁରୁ   ଅଶୋକେ ଯାହାର,
ବସନ୍ତ ମାଧୁର୍ଯ୍ୟ   ଦିଶେ ମହୋଦାର ।

ସୁବର୍ଣ୍ଣ ବରଣ   ସୁନା ଝର ଯହିଁ
ମଣ୍ଡେ ଗଣ୍ଡଭାଗ   ଅଗୋଚରେ ବହି ।

ମନ୍ଧରର ଭଗ୍ନ—   କଣ୍ଠ-ଜଳକୁଣ୍ଡେ
ଝର ଆସେ ସ୍ୱଚ୍ଛ   ନୀର ବୃଷ ତୁଣ୍ଡେ ।

Digitized by srujanika@gmail.com

ଶ୍ୱାପଦ-ସଙ୍କୁଳ ତୁଙ୍ଗ ଶୈଳେଶ୍ୱର
ବନାତ୍ମକ ସ୍ତର ଏ ନୁହେ ଶ୍ୟାମଳ !
ଢେଙ୍କାନାଳ ଶୈଳ— ମାଳ-ମଣିହାର
ଶିବ ଅଧିବାସେ ପବିତ୍ରିତଶିର
କପିଳାସ, ସ୍ୱଚ୍ଛ— ଝରେ ମନୋହାରୀ
ସ୍ମରିଲେ ଏହାକୁ କେ ଯିବ ପଶୁରି !!
କୃଶୋଦରୀ ଦସ୍ୟୁ ମାଧୁରୀ ଇକ୍ଷଣେ
ଜଡ଼ସାକ୍ଷୀ ମଧ୍ୟେ ବିଚକ୍ଷଣ ଜଣେ,
ଯା ପାଦେ ନଗରୀ ଥିଲା ଶୋଭମାନା
ବୌଦ୍ଧଙ୍କର ଯହିଁ ଉଡୁଥିଲା ବାନା,
ଘୋର ଗିରିଗୁହା' ସୂକ୍ଷ୍ମ ସୂକ୍ଷ୍ମତରେ
ମୁହାଁଇଛନ୍ତି ଯହିଁ ଶିଳ୍ପୀ ରସାତଳେ ।
ଧର୍ମାଶୋକ ଧର୍ମ— ଆଦେଶ ଯା ପାଶେ
ଅଶ୍ୱଥାମା କୁମ୍ଭ— ଦେଶ ପରକାଶେ ।
ଦେଉଳମଉଳି ସେହି ଧଉଳିର
ଭୁଲେ ଏ ଶଇଳ ଟେକବ କି ଶିର ?
ଅଖଣ୍ଡ ବଉଦ୍ଧ ଯଶ ହୃଦେ ବହି
ସେ ଖଣ୍ଡ ଉଦୟ— ଗିରି, ପୂର୍ବେ ଯହିଁ

Digitized by srujanika@gmail.com

ବହୁଥିଲେ ରାଜ— ଧାମ ରାଜରାଣୀ (୧)
ବଖାଣିବ କିଏ ସେ ଶିଳ୍ପ-କାହାଣୀ ?
ନାନା ଗୁମ୍ଫାଲିପି ପ୍ରାସାଦେ ମଣ୍ଡିତ,
ତା ଦେଖିଲେ ଏଥି ଚଳିବ କି ଚିତ୍ତ !
ଖୋରଧାର ପାର ଶଇଳ ବରୁଣୀ,
ବାରୁଣୀ ଆକାଶେ ଦିଶେ ଯାହା ପୁଣି
ଦୂରୁ ନମନମ୍ର ତ୍ରିବଙ୍କିମ ରେଖା—
ପରାଏ ସୁନ୍ଦର, ତାକୁ କି ଏ ଲେଖା !
ଯା ନିତମ୍ବେ ଦେବୀ ପାଦୁଁ ପୂତ ଝର
ଝର ସୁଲୀ କରେ ପ୍ରପାତେ ମୁଖର ।
ରାଜଇ ଯା ଶିରେ ଗମ୍ଭୀର କୁଜଳା—
ଗୁପ୍ତଗଙ୍ଗା ସଙ୍ଗେ ସେ ପାଣ୍ଡବଘର । (୨)

(୧) ଏହିଠାରେ ପ୍ରସିଦ୍ଧରାଣୀହଂସପୁରର ଦ୍ୱିତଳ ଗୃହରେ ପୂର୍ବେ ରାଜା ଲଳଟେନ୍ଦ୍ର ଓ ତଦୀୟ ମହିଷୀ ମଧ୍ୟେ ମଧ୍ୟେ ବାସ କରୁଥିବାର ଇତିହାସରୁ ପ୍ରମାଣ ମିଳେ ।

(୨) ଏହି ପାହାଡ ଉପରେ 'ପାଣ୍ଡବଘର' ବିଦ୍ୟମାନ, ପାଣ୍ଡବମାନେ ଏଠାରେ ଥାଇ ପଶା ଖେଳଥିଲେ ଏବଂ ଭୀମ ହସ୍ତର କାଠି ଉପରେ ବାଜି ଖଣ୍ଡେ ପଥର ଛିଣ୍ଡି ଯାଇ ଥିବାର କିଂବଦନ୍ତୀ ଅଛି । ଏହା ନିକଟରେ ଥିବା ଗୁପ୍ତଗଙ୍ଗାର ଜଳ ପେୟ ନୁହେଁ । ରଜସଂକ୍ରାନ୍ତିକୁ ଏଠାରେ ବହୁ ଲୋକଙ୍କର ମେଳା ହୋଇଥାଏ ।

Digitized by srujanika@gmail.com

କ୍ରୀଡ଼ାକାଳେ ଭୀମ ଅକ୍ଷକାଠି ବାଜ
ଛୁଡ଼ିଥିଲା, ଯେଉଁ ଶିଳା ତାହା ଆଜ

ଦେଖାଇ ସେ କଥା କହନ୍ତି ପଥିକେ
ରଜପର୍ବେ ଅନୁ— ଯାହିକଙ୍କୁ ଠିକେ ।

ଚୂର୍ଣ୍ଣୀଭୂତ ଶୈଳ ମଧ୍ୟେ ମୁଣ୍ଡ ଟେକ
ଦର୍ପୋନ୍ନତ ନଜ ଉନ୍ନତଙ୍କ ଦେଖି,

ଏହି ଯେ ଦଶଇ ସପ୍ତଶଯ୍ୟାଗିର
ତା ତୁଳାରେ ସ୍ଥିର ଅଛି କବା ଶିରି !!

ପୂରିଛି ଏପରି କେତେ ଗିରିଟଙ୍କ
ଶଇଳ-ସଂକୁଳ ଉତ୍କଳର ଅଙ୍କ ।

ସୁନ୍ଦର ଶ୍ୟାମଳ ସ୍ନିଗ୍ଧ ସେ ସକଳ
କିନ୍ତୁ କି କୁତ୍ସିତ ସ୍ଥାର କଳେବର !

କାହିଁଛି ଏହାର ସେ ଶୋଭା-ବିଭବ
ମୁଗ୍ଧ ଦେଖି ଯାହା ଦିଶେ ନବ ନବ ।

ଏ ଶିଳା ମଣ୍ଡଳେ ନାହିଁ ସେ ସ୍ନିଗ୍ଧତା
ବର୍ଣ୍ଣୋଜ୍ଜ୍ୱଳମୟ ମାଧୁର୍ଯ୍ୟ ମୂର୍ତ୍ତିତା ।

ଝରୁ ନାହିଁ ଏହା ଦେହୁ ସ୍ୱଚ୍ଛ ଝର
ଶୁଷ୍କଶିଳା ଶୁଷ୍କ ପତରେ ମର୍ମ୍ମର ।

ନୁହଇ ଏ ଶୈଳ ମରକତ ସେରୁ
ଲତା ଗୁଳ୍ମମାନେ ରହିତ ଯେହେତୁ ।

Digitized by srujanika@gmail.com

ନାହିଁ ତ ଏଥିରେ କେକୀ-କେକାରବ,
କଳରବ ବିନା ନିତାନ୍ତ ନୀରବ ।

ନାହିଁ ଏଥି ଗ୍ରୀଷ୍ମ- ଦଗ୍ଧ ବନସ୍ପତ
ହରିବ ମଧ୍ୟାହ୍ନେ ପଥିକ-ତପତ ।

କି ଅଛି ବା ଏଥି ଦୃଶ୍ୟ ମନୋହର
ଆକର୍ଷିବ ଲେଶେ ଦର୍ଶକ-ଅନ୍ତର ।

ନ ଥାଉ ପଛକେ କିଛୁ ଏହିମାନ
ତଥାପି ନଗର ଦଶର ମହାନ ।

ଏ ଯେଉଁ କୁଞ୍ଚିତ କାଇଁଚ ଲତକା
ରକ୍ତଫଳ-ପୁଞ୍ଜେ ନିକୁଞ୍ଜ-ଦ୍ୟୋତକା ।

ଏହିତ ଏହାର କୁସୁମ ସ୍ତବକ
ରଞ୍ଜାପିତ ମଣି— ହାର, ବିଭୂଷକ ।

କେ ଅଛି ସ୍ଥାପତ ବେଣୁକଣ୍ଟାଧାରୀ
ତୀର୍ଥ କୂଳେ ସର୍ବ — ଜନ ମନୋହାରୀ !

ଶୁଷ୍କ ତୃଣ ଲୁଗୁ ଉକୁଟାଏ ଯାର
ନିଷ୍ଠୁର ନିର୍ମମ ହୃଦୟ-ବିସ୍ତାର ।

ସେ ବିରାଟ ଶିଳା—ପଟେ ମହାଫାଟ
ପାତାଳକୁ କିବା ଫିଟିଛି ଏ ବାଟ !

କିଏ ବା କଳିବ ଗାମ୍ଭୀର୍ଯ୍ୟ ଏହାର
ନିଗୂଢ଼ ରହସ୍ୟ କେ ପାଇବ ତାର !

Digitized by srujanika@gmail.com

ଶିଳାପରେ ଶିଳା ବସିଅଛୁ ମାଡ଼ି
ମହିଷା ଉପରେ କ କାଳୀ କରାଳୀ !

ପୂର୍ବମୁଖୀ ହୋଇ ଧୁଏ ଯା ଚରଣ
ମହାନଦୀ ଶତ—ମାଳା ଅନୁକ୍ଷଣ ।

ସିଦ୍ଧନାଥ ପୀଠ ମୁକୁଟ ଲଲାଟେ
ଗିର ବନବାସୀ ହୃଦଙ୍ଗେ ଯା ଭ୍ରଟେ ।

ବାପୀ ପ୍ରାନ୍ତ ତୀର ମହାନଦୀ ଧଣି,
ବକ୍ଷେ ପ୍ରତିବମ୍ବ ବହେ ଦିବାନିଶି ।

ହୋଇଛୁ ତୋରଣ ଦେବଦ୍ୱାର ଗିର
ଇତର ଅଚଳେ ତା ପଛେ ପାଚୀର !!

ଗୈରିକ ସୋପାନ ପଦଙ୍ଗ-ଶୋଭନ୍ତ ।
ବଲ୍କଳ ପରିଧେ ହନୁ-ବଲମ୍ବିତ ।

ଶିରେ କନଅର କରେ ନର୍ଦ୍ଧି ଝୁନା,
ବଦ୍ଧ ତଦ୍ରି ପୁଣି ଆସନ ମାର୍ଜନା

କରେ ତରୁପତ୍ରେ ପ୍ରମର ବ୍ୟଜନ
ତରଙ୍ଗିତ ନଦୀ— ସଙ୍ଗୀ ସମୀରଣ ।

ଏକା ଏ ମାରୁତ ଗ୍ରୁମ୍ଭା ଝର ସମ
ଉପୁଜାଏ ହୃଦେ ଆହ୍ଲାଦ ପରମ ।

କେତେ ସ୍ଥଳୀ ଖୋଲ ମଞ୍ଜୁଳ ଏଦ୍ୱାର
ଠାବେ ଠାବେ ପୁଣି ଦର୍ଶେ କ କରାଳ !

Digitized by srujanika@gmail.com

ଶ୍ରୀମନ୍କାନ୍ତଗୁଣ ଦେଖନ୍ତି ଆଦର,
ହୃଦେ ମହାଭାବ ଗମ୍ଭୀରତା ଧର,
ରାଜଇ ବଉଦ୍ଧ— ଯତ୍ନ ପ୍ରାପ୍ତ ଆଜ
ଅବା ଏ ନଗ୍ରକ ଯତେ ନଗରାଜ !
ଶିଖରେ ଏହାର ଶିଳାଭିତ୍ତି କାଟି
ଚଉପାଶେ କର ଦେବତା ପରିପାଟୀ,
ଅନ୍ତର୍ଭୂତି ଶିଳା— ମୂଳ ଭିତ୍ତିପରେ
ନିର୍ମିଲେ ଦେଉଳ ଶିଳ୍ପୀଏ କୌଶଳେ,
ପ୍ରତିଷ୍ଠିଲେ ଇଷ୍ଟ—ଦେବ ତହିଁ ପର,
ଶିଳ୍ପିବଳେ ଖୋଳି ଗରଭେ ଗମ୍ଭୀର,
ଧର୍ମଧ୍ୱଜାଧାରୀ ବଉଦ୍ଧ ପ୍ରଧାନେ
ପ୍ରଜାଙ୍କର ହିତେ ଆଦେୟ ଦହ୍ନମାନେ ।
ନାହିଁ ଏବେ ତହିଁ ବଉଦ୍ଧ-ମୂରତି
ରହିଅଛି ମହା—ମହେଶ ଶକତି,
ଭଜନ୍ତି ଶିବ—ଲିଙ୍ଗ ଅଦର୍ଶନ
ନିଳମାଧ ଅଛି ତହିଁ ନିଦର୍ଶନ ।
ତପୋରତ ସିଦ୍ଧ ବୁଦ୍ଧମୂର୍ତ୍ତି ଏକ (୧)
ରଖିଅଛି ଶକ୍ତି—ପୂର୍ବେ ପୂର୍ବଠେକ,
ପଡ଼ି କାହିଁ କେତେ ନିରଙ୍ଗ ବିଗ୍ରହ

(୧) ଏହି ଶକ୍ତିର ପୂର୍ବ ପାର୍ଶ୍ୱରେ ଗୋଟିଏ ବୁଦ୍ଧମୂର୍ତ୍ତି ରହିଅଛି ।

Digitized by srujanika@gmail.com

ଚେତାଉଛୁ ଧର୍ମ—   ଦ୍ରୋହୀଙ୍କ ନଗ୍ରହ ।
ଦେଉଳର ଚୂଡ଼ା—   ପିଣ୍ଡ ମୁଣ୍ଡେ ବନ୍ଧ
ସୌମ୍ୟ ବୌଦ୍ଧମୂର୍ତ୍ତି—   ଗୃହ ବସାଇଛ,

ମନ୍ଦର ପଶ୍ଚିମେ   ଲଭି ଏ ମଣ୍ଡପ,
ସଦା ସୁଶୀତଳ   ଯା ଗୃହୁ ତଳପ ।

ହରଇ ଏ ପଥ—ଶ୍ରାନ୍ତ ପଥିକର,
ତଥା ଏ ସମ୍ମୁଖ   ଦୃଶ୍ୟ ମନୋହର ।

କାନ୍ତତର ଏଥି   ସୁକାନ୍ତଙ୍କ ସୁତା
ନାନାଜାତ-ତରୁ—ଶୈଳରାଜି-ଯୁତା,

ଖଇଳ କବନ୍ଧୁ   ବାହାପଲ୍ଲ ପର
ଦେବଦ୍ୱାର ପାଶେ   ଦଶନ୍ତ ସୁନ୍ଦର ।

କୃଶୋଦରୀ ଏହି   ଠାବେ ପ୍ରସାରିତା,
ସୁବିପୁଳ ପୂରେ   ଦୂରେ ପ୍ରବାହିତା ।

ବର୍ଷାକାଳେ ଯେବେ   ପୂରି ଦେବଦ୍ୱାର
ମହାଘୋର ନାଦେ   ଡେଇଁପଡେ ଧାର,

ସେକାଳେ ଆକାର   ସ୍ମର କି ବର୍ଣ୍ଣ !
ଦେଖନ୍ତୁ ଏକା ତା   ସେହି ଶୈଳଆଠ ।
ଏବେ ଏ ଶୈଳର   ନୀଳ ଦରପଣ
ପରାଏ ହରଇ   ଦର୍ଶକ ନୟନ ।
ଆହା ! ଏ ସଲିଳ   କେଡେ ସୁବିମଳ

Digitized by srujanika@gmail.com

ଉତ୍କଳ ଉଦ୍ଧରେ   କବା ଗଙ୍ଗାଜଳ ?

ନମସ୍ତେ ଜାହ୍ନବ !   ଉତ୍କଳପାବନୀ
ବଚିତ୍ର ଉପଳ—ଚିତ୍ର ଅପଘନୀ ।
ତୋ ଦର୍ଶନେ ହୃଦ   କି ପ୍ରସନ୍ନ ଆଜ
ଧ୍ୱଂସିଲୁ କଳୁଷ   ତୋର ବାର ବାଜ,
ସୁବିପୁଳ କୋଳ   ଯେହ୍ନେ ତୋ ସଇତ
ସକଳେ ପାଳିବା   ପାଇଁ ପ୍ରସାରିତ !
ତୋ ସଲିଳେ ଶସ୍ୟ—ଶାଳିନୀ ଅବନୀ
ହୃଦେ ସନ୍ତରଇ   ସନ୍ତତ ତରଣୀ,
ଉତ୍କଳ ବାଣିଜ୍ୟ-   ବାହନ, ସୁଭଗା
ରଖିଅଛୁ କେତେ   ଦୁଃଖୁ ତ୍ରିପଥଗା ।
କେତେ ଶାଖା ମେଲି ଦେଉଛୁ ଉତ୍କଳେ
ଉତ୍କଳ ଉଦର   ପୁଷ୍ଟ ସେହି ଜଳେ ।
ତୋହଠାରୁ ଜନ୍ମ   ଲଭି କାଠଯୋଡ଼ୀ
ଧାଏଁ ପୂର୍ବମୁଖେ   ନିଜ ମାର୍ଗ ଛୋଡ଼ି ।
ଉତ୍କଳର ରାଜ—   ଧାନୀ ବିଭବନୀ
କଟକର ପଦେ   ଘଟେ ଯେ ତଟିନୀ,
ପିଇ କଟକୀଏ   ଯାର ସ୍ୱଚ୍ଛ ପେୟେ
ବିହରନ୍ତି ମୁଦେ   ଛଟକେ ଅଭୟେ,
ଯା ତୀର ସମୀର   ସେବି ନାଗରିକେ
ହୃଦେ ମୁଦଭାର   ବହନ୍ତି ଅଧିକେ ।

Digitized by srujanika@gmail.com

ଯା ଜଳ୍ପ ବିପୁଳ ଜଳଧାରି ଦେଇ
ବହେ କୁଆଖାଇ ଦକ୍ଷିଣଗାମିନୀ ।

ସେହି ଧାରୁ ପୁଣି ଅନ୍ୟେ ଭାର୍ଗବୀ
କୁଶଭଦ୍ରା ଦୟା ମଧ୍ୟେ ଜନ୍ମ ଲଭି,

ଦୁରନ୍ତ ପୁଷ୍କର ନୀରସ ଅନ୍ତର
ସେହି ନୀରେ ପୁଷ୍ଟ କେତେ ନାରୀ ନର ।

ତୋ ଗର୍ଭ ସମୃଦ୍ଧ ହିନା ଏ ସରବେ
ବିତରନ୍ତି ସୁଧା ଏ ଉତ୍କଳ ଭବେ ?

ବିରୂପାକ୍ଷ ତପୀ ତପଃଫଳେ ଧନ୍ୟା
ବିରୂପା ତଟିନୀ ତୋ ସୁରୂପା କନ୍ୟା ।

ଦେଖାଇ ବିସ୍ମିତ ଯହିଁ ନିଜରୂପ
ରାମେଶ୍ୱର କ୍ଷେତ୍ର ବୌଦ୍ଧକୀର୍ତ୍ତି ସ୍ତୂପ,

ରଥାଙ୍ଗ ଦର୍ପଣ ପ୍ରୀତିବରଧନୀ
ସୁଶସ୍ୟଶାଳିନୀ ଯା ତୀର ଅବନୀ ।

ଗୁରୁ ଚିତ୍ରୋତ୍ପଳା ମାହେଶ୍ୱରୀ ଚଣା
ଉତ୍ପଳେଶ ଶିବ ଯୋଗେ ସୁପବଣା ।

ବହିଯାଏ ପଦ୍ମ— ବନ ପଦତଳେ
ଜଳଧାର ଯାର ମୃଦୁ କଳକଳେ ।
ଭକତ ଅଚ୍ୟୁତ ଯା ଜଳେ ବର୍ଦ୍ଧିତ
ଚନ୍ଦତୋଳା ନାମେ ଖ୍ୟାତ ସେ ସନ୍ତ ।

Digitized by srujanika@gmail.com

ଏ ଆଦ୍ୟ ଦ୍ୱିବିଧ   ନଦୀରୂପେ ଏକା
ତୁମ୍ଭ, ବହୁରୂପୀ-   ବେଶେ ଦେଇ ଦେଖା,
ସେଥିଲୁ ବିବିଧ   ଜନପଦ ପଦ
ସେ ଜଳ-ସମ୍ପଦେ   ନୁହେ କେ ଉନ୍ନତ ?
କ୍ଷୁଦ୍ର ସର୍ପେଶ୍ୱରୀ   ତୋର ପାର୍ଶ୍ୱେ ଧାଏଁ
ଶଇଳ ଉଡ଼ାଳେ   କୃଶାଙ୍ଗୀ ଲୁଗୃଏ ।
ଗର୍ଭେ ଶୋଭି ଶୁଭ୍ର   'ଧବଳ—ଈଶ୍ୱର'
ଉପୁଜାଏ ଭଙ୍ଗ   ତରଙ୍ଗେ ତୋହର ।
କେତେ କାହିଁ ଗିରି   ଶିରେ ହୋଇ ଠିଆ
ବଢ଼ାନ୍ତି ତୋହର   ଗମ୍ଭୀରଧ୍ୱଣିଆ ।

ଠାବେ ଠାବେ ଉଠି   ମହାତଣ୍ଡି ପଠା (୧)
ନ ଦିଅନ୍ତି ତୋର   ଭଙ୍ଗେ (୨) ପଛହଟା,
ନେଡ଼ିବାରୁ ତୋର   ତେଉକୁ ସେ ହେଲେ
ସ୍ଥଳ ମଣି ଜୀବେ   ଚରିଲେଣି ମେଳେ ।
ଏ ସକଳ ହେଲି ତୁମ୍ଭ କଲ୍ଲୋଳିନ,
ହୋଇଅଛୁ ଦୂରେ   ସାଗର-ସଙ୍ଗିନୀ ।

ଏ ଉତ୍କଳେ ତୋର   ଚିତ୍ର କଳେବର
ସରିକି ଦିଶଇ   ଅତି ମନୋହର ।

(୧) 'ନନ୍ଦକେଶ୍ୱରୀ ପଠା' ପ୍ରଭୃତି ଏହାର ଦୃଷ୍ଟାନ୍ତ ସ୍ଥଳ । ବର୍ତ୍ତମାନ ସେ ସବୁ ଜୀବଜନ୍ତୁର ଆବାସଯୋଗ୍ୟ ସ୍ଥଳରେ ପରିଣତ ହୋଇଅଛି । (୨) ତରଙ୍ଗ ।

Digitized by srujanika@gmail.com

ସରୁ ସରୁ ହୋଇ   କେତେ ନାଳ ଶିର
ପ୍ରସର ଧରାକୁ   କରନ୍ତି ରୁଚିର ।
ନୀଳବୃନ୍ଦ ରେଖା   ପରି ଦୂରଯାଏ
ଖୀର ତରୁ ମଧ୍ୟେ   ଯାହା ଶୋଭାପାଏ ।
ରାଜହଂସ ପ୍ରାୟେ   ମିଶିଯାଏ ଜଳେ
ଧବଳ ବୋଇତ   ଦୂରେ ଯା ଅନ୍ତରେ ।
ରନ୍ଧ୍ର (୧) ବକ୍ଷ ମଧ୍ୟେ   ବନ୍ଧ ଯାର ଜଳ
ଖୀର ଧରଣୀକି   କରଇ ଶ୍ୟାମଳ ।
ଯୋଡ଼ି କଙ୍କଡ଼କା   ଜଡ଼ିଲା ପ୍ରକାର
ରାଜଇ ଯା ଶିରେ   ସେତୁ ଜାଲି ବାଡ଼ ।
ଯା ଯୋଗୁ ବନ୍ଧନ   ଲଭି ତରଙ୍ଗିଣୀ
ଅଶ୍ରୁ ଝର ପାନେ   ସଦା ବିଳାପିନୀ ।
ସେଠା ବିଚିତ୍ରତା   ନୋହିବଟି ହୃଷ୍ଟ
ମୁଦ ଦମକରେ   ହୃଦ ଯାଏ ବୁଡ଼ି ।
ପ୍ରତି ଅର୍ଗଳୀରେ   (୨) ଯନ୍ତ୍ରାର୍ଗଳ ମାୟା
ଦେଖି ପାସୋରିବ   କିଏ ତାର ଗ୍ରସ୍ତା ?

---

(୧) ପ୍ରତ୍ୟେକ ନାଳ ମଧ୍ୟରେ ଗୋଟିଏ ଛିଦ୍ର ବା ପୋଲରୁ କ୍ଷୁଦ୍ର ପାଣିନାଳମାନ ତାହାର ଉଭୟ ପାର୍ଶ୍ୱର କ୍ଷେତ୍ରକୁ ଜଳ ଯୋଗାଏ ।

(୨) ଅର୍ଗଳ=Lock ଅର୍ଥାତ୍ ନାଳର ଅର୍ଗଳସ୍ଥାନ । ସାଧାରଣତଃ ଲୋକେ ଏହାକୁ ସେହି ଲକ୍ କହିଥାନ୍ତି ।

Digitized by srujanika@gmail.com

ଏ ଆଦ୍ର ପାବତ ଶୋଭା ଉପାଦାନ
ତୋର ଯୋଗୁଁ ମହା— ନଦ, ମହୀସ୍ଥାନ ।

ନଭେ ଏବେ ରବି ଖରୁଁ ଖରତର
ନଗ୍ନ ବକ୍ଷ ଖଣ୍ଡ— ମୟୂଖେ ଭାସ୍ୱର ।

ଦେହେ ସନ୍ଧି ଆହା ସେ ଆତପ ଦାହେ
କରମ ଆଦର ମାଝୀ ତଣ୍ଟି ବାନ୍ଧେ ।

ଖରକର ଜାଳେ ଦୂରେ ଦଶେ ତଣ୍ଟି ;
କୁହେଳି ଗରଭେ ଲଭିଗଲା ପଶି ।

ସମୀର ପରଶେ ନୀର ଆସ୍ତରଣ
ମୃଦୁଳ ହିଲ୍ଲୋଳେ କରୁ କଳସ୍ୱନ,

ଡାଳେ ଡାଳେ ଶିର ନୱଜ ଶଇଳ—
ପଦତଳେ ପିଟେ ହୋଇଣ ସଜଳ ।

ଜଳଜନ୍ତୁଙ୍କର ନାହିଁ ସେ ସ୍ଫୂରତ
ସର୍ବେ ନିସ୍ତବ୍ଧତା ଭଜିଲେଣି ଅତି ।

ନାହିଁ ଏବେ ଶିଳା— ଶିଲ୍ଟୀର ଗହଳ
କାହିଁ ସେ ପାଷାଣ— ହଣା କୋଳାହଳ ?

ମିଶାଏ ସ୍ୱରବ ଯାମଘୋଷି-ଘୋଷେ
ମାଳ ତରୁଗୃହ୍ୱ ଝିଙ୍କଣ୍ଟ କ ତୋଷେ ?

ଡ଼ାଳୁଁ ଡାଳେ ଉଠି ହଳଦ୍ଧ ବସନ୍ତ
ମୃଦୁ କଳରବେ ଦିଏ କ ଉଦନ୍ତ !

ପଲ୍ଲବିତ ତରୁ   ବ୍ରତତି ଝାଉଁଳି
ଦଣ୍ଡେ ଯେସନ୍ତେ ଶୋକ-   କାତର ପିତୁଳ !

ବାହାର ବିହାର   ପରିହରି ଅଳି
ପଦ୍ମ କୁଞ୍ଜେ ପୁଞ୍ଜେ   ମିଳନ୍ତି ଗୁଞ୍ଜରି ।

ପଦ୍ମେ ପଦ୍ମପରେ   ଉଡ଼ି ପ୍ରଜାପତି
ପକ୍ଷ ଗୁଲ୍ଲ ମନ୍ଦେ   ପୁଣି ବିରମନ୍ତି ।

ଅବତରି ଚିରି—   ଶିଖି ଗୋରୁପଲ
ଆଶ୍ରି ନେଲେଣି ଏବେ   ଗ୍ରୀଷ୍ମ ତରୁତଳ ।

ଦେଖି ମଧ୍ୟାହ୍ନର   ପ୍ରତାପ ପ୍ରବଳ
କଣ୍ଠା କାଟି ତାନ   କାଟିଲେ ଶବର ।

ଏହି ଯେ ଅଗ୍ରତେ   ଦଣ୍ଡେ ଶୈଳଧାତ୍ରୀ
କୁହେଳି କି ତହିଁ   ଯାଉଅଛୁ ମାଡ଼ି ?

ଧୂହୁଁ ଧୂହୁଁ ଏବେ   ହୋଇଲା ଧୂମଳ
ତଦନନ୍ତ ପୂର୍ବ   ଯେ ଭୂବ ଶ୍ୟାମଳ ।

କାର ମଧ୍ୟ ପୀଠେ   ଉଠି ଧୂମସ୍ତୋମ
ବପୁକୁ ବିସ୍ତାରି   ବ୍ୟାପୁଅଛୁ ବ୍ୟୋମ ?

ଦାବାଗ୍ନିର ଅବା   ହେଲା କି ଉଦ୍ଭବ ?
ତ୍ରାସେ ବିକମ୍ପିତ   ଏବେ ଜୀବ ସର୍ବ ।

ତାତିଗଲା ତଳ   ସେ ତପନ ସଙ୍ଗେ,
ତପତ ସିକତା   ମହାନଦୀ ଅଙ୍ଗେ ।

Digitized by srujanika@gmail.com

ଚାଉଲା ନବୀନ ଶଇଳ ସୋପାନ
ପାରୁଶେ ପାଷାଣ— ଖଣି ଗର୍ଭମାନ ।

ଧକଳେ ଧଦ୍ଧଙ୍ଗେ ଆସି ମାଳ ମାଳ
ସଙ୍କୁଳିଲେ ମୌନେ ଖର ତରୁ ଡ଼ାଳ ।

ଶୀତବାତ୍ର ଯୋଗେ ବନ୍ଧିଲା ପ୍ରଖରେ,
ନବୀନ ମାରୁତ ଶଇଳ ଶିଖରେ ।

ଶିଖର ଝଟପୀ ପୁରାଣ ପିପ୍ପଳ
ରଚିଲା ପକ୍ଷାଳୀ ଗୁଳି କୋଳାହଳ ।

ଶାଖା ଗୁଳ୍ମନାଶି! ଉତାପ ଯେସନେ
ମାଡ଼ିଆସେ ଜଣା ଗଲା ସୁପ୍ତ କଣ୍ଠେ,

ନସ ଘୋର ନିଃସ୍ୱନେ ଭାଙ୍ଗନ୍ତେ ସ୍ୱପନ
ତେଜ ସନ୍ଧ୍ୟାଣୀ ଖୋଜିଲି ଉଜନ ।

ରବକରେଜ୍ଜ୍ୱଳ ସେ ଚମ୍ପ ଅଞ୍ଚଳେ
କରନ୍ତେ ମନ୍ଦର ପ୍ରଦକ୍ଷିଣ ଥରେ,

ଦକ୍ଷିଣେ ଦଶିଲା ଗୁମ୍ଫା ଦୁଇଗୋଟି
ଏକ ନିମ୍ନେ ଅନ୍ୟ ଊର୍ଦ୍ଧ୍ୱେ ଅଛି ଘୋଟି ।

ପଶ୍ଚିମକୁ ଦ୍ୱାର ବେଦର ମୁକତ
ମଧ୍ୟେ ଗର୍ଭଦ୍ୱାରେ ଏବେହ ଯୁକତ ।

ତଳଟିରୁ ବଳି ଘର୍ଘ ଊର୍ଦ୍ଧ୍ୱ ତଳ,
ବସନ୍ତେ ଅନ୍ତର ହୋଇଲା ଶୀତଳ

Digitized by srujanika@gmail.com

ଧନ୍ୟ ସେ ନିର୍ମାଣ   କୌଶଳ ଏହାର
ନିଃଶଙ୍କ ଶିଳ୍ପୀଙ୍କ ଟଙ୍କ * ବ୍ୟବହାର,
ଶୈଳେ ଶୈଳେ ସବୁ   ଏ ଶିଳ୍ପ ଗୁରୁତ୍ୱ
ବୌଦ୍ଧ ଭାରତର ଚରନ୍ତନ ତତ୍ତ୍ୱ ।

ଧନ୍ୟ ଧନ୍ୟ ଆହେ   ବୌଦ୍ଧ ନରପତି
ଶୈଳଗର୍ଭ ଖୋଳି   ସ୍ଥାପିଲ ଭାରତ,.

ଧନ୍ୟ ତୁମ୍ଭ ଦମ୍ଭ   ଧନ୍ୟ ଶିଳ୍ପକଳା
ଶୈଳ ଖୋଦିବାରେ   ହୋଇଲ କୁଶଳା !

ଭାରତର ପ୍ରତି—   ଜନପଦେ ତବ
ରହିଛି ଏ ଶିଳ୍ପ   ଅନନ୍ତ ବିଭବ,

କାହିଁ ଶୈଳଶିଖେ   ବିବରେ ନିତମ୍ବେ
କାହିଁ ଗିରିଖୋଲେ ସ୍ତୂପେ ଯୂପେ ସ୍ତମ୍ଭେ ।

ବସାଇଲେ କେତେ   ରମ୍ୟ ସୌମ୍ୟ ମୂର୍ତ୍ତି
ତଥାପି ସ୍ଫୂର୍ତ୍ତିର   ହେଲା ନାହିଁ ପୂର୍ତ୍ତି,

ପ୍ରଚାରିଲ ଧର୍ମ   ରାଜ୍ୟେ ପ୍ରଜାବନ୍ଧୁ
ଉଦ୍ଧରିବା ପାଇଁ   ଜନେ କର୍ମବନ୍ଧୁ ।

ପାରିନାହିଁ ଯୋର . ଏ କରାଳ କାଳ
ତବ କୀର୍ତ୍ତିମାଳ   ରହିଛି କଙ୍କାଳ ।

---

* ପାଷାଣ ଭେଦନ ଅସ୍ତ୍ର

ପାରିଲେ କି ଲୋପି   ଭିନ୍ନଧର୍ମ୍ମୀ ଭୂପେ
ସ୍ଥାପି ଅନ୍ୟରୂପ   ସେହି ଭିତ୍ତିସ୍ତୂପେ ?
ଛପିଅଛି ସତ୍ୟ,   କେତେ ଯେ ମୂରତି
ହୋଇଲାଣି କାର   ଆନେ ପରିଣତି ।
ବହଳ ସିନ୍ଦୂର-   ଲେପେ କେ ହେଲାଣି
ଗ୍ରାମପ୍ରାନ୍ତ—ତରୁ   ତଳେ ଠାକୁରାଣୀ । ✻
କେ ସନ୍ଥମାଧବ ୧   ନାମେ ପରିଚିତ
ହିନ୍ଦୁଙ୍କରେ ପୁଷ୍ଟ   ଚନ୍ଦନ ଚର୍ଚ୍ଚିତ,
କାହିଁ ବାସୁଦେବ   ଧର୍ମ-ନିରଞ୍ଜନ
କାହିଁ ସିଦ୍ଧନାଥ   ଶାନ୍ତ ନାରାୟଣ ।
କାହିଁ ଶିବାଳୟ   ପାରଶ୍ୱ ଦେବତା
କାହିଁ ଦ୍ୱାରପାଳ   କିଏ ଜାଣିବ ତା ?
ତଥାପି ସେ ରୂପ   ଏ ଗୁମ୍ଫା ଗୋପନେ
ଜପୁଛନ୍ତି ବୁଦ୍ଧ   ନାମ ଅନୁକ୍ଷଣେ,
ସେ ନାମ ଅଛି କେ   ନେବ ବା ଛଡ଼ାଇ ?
ଶୁଦ୍ଧବପୁ ସତ୍ୟ   ଦେବ ଘଉଡ଼ାଇ ।

✻ ଉତ୍କଳର ବୌଦ୍ଧପ୍ରଧାନ ଅଞ୍ଚଳରେ ଏଦୃଶ୍ୟ ବିରଳ ନୁହେଁ । ଧଉଳି ଓ ଯାଜପୁରର ମୂର୍ତ୍ତି ଅନୁସନ୍ଧେୟ ।

୧ ଯାଜପୁର ଠାରେ ଏକ ଅତି ସୁନ୍ଦର ବୁଦ୍ଧମୂର୍ତ୍ତି ମିଳିଥିଲା । ତାହାକୁ ସ୍ଥାନୀୟ ଲୋକେ ସନ୍ଥମାଧବ ବୋଲି ପରିଚୟ ଦିଅନ୍ତି ।

Digitized by srujanika@gmail.com

କି କ୍ଷଣେ ଜନ୍ମିଲ ମୁନୀନ୍ଦ୍ର ଗୌତମ,
ପୂତ ଏ ଭାରତ ଧାମ ଅନୁପମ,
ଭବେ ଅପ୍ରତିମ ରାଜଲକ୍ଷ୍ମୀ ସୁଖ
ଉପେକ୍ଷି ସଂସାରୁ ହୋଇଲ ବିମୁଖ ?

ଆଦରି ଦୁଷ୍କର ତପସ୍ୟା ସାଧନ
ହରିବାକୁ ବିଶ୍ୱ— ଜନଙ୍କ କଷଣ,
ଲଙ୍ଘି ଘୋର ଗିରି କାନ୍ତାର ସରିତ
ମହାବୋଧି ତଳେ ହେଲ ଉପସ୍ଥିତ;

ସାଧି ମହାଯୋଗ ମହାବୋଧ ତହିଁ
ଧର ଉଦ୍ଧରିଲ ପାପମଗ୍ନୀ ମହୀ ।

ଅସ୍ତ ଜ୍ଞାନ-ରବି ପଶ୍ଚାତେ ଅନ୍ଧାର
ଘୋଟିଥିଲା ଧୀରେ ଭାରତ ସଂସାର
ସେ ତମିସ୍ରା ନାଶେ ଶୀତରଶ୍ମି ବହି
ଶାନ୍ତିର ଭୁବନ ହେ ନବ ବିରଞ୍ଚି,

ଉଠିଲ ଚନ୍ଦ୍ରମା— ରୂପେ ଅବତରି
ଗଲା ଚଉଦିଗେ ସେ ଜ୍ୟୋତିପ୍ରସରି ।

ସୁଦୂର ସିଂହଳ ତିବ୍ବତ ଜାପାନେ
ଉଡ଼ିଲା କେତନ ବୁଦ୍ଧ ଶୁଦ୍ଧ ନାମେ,

କାତ୍ୟାୟନ ଆଦି କେତେ ମୁନିବର
ପ୍ରଚାରିଲେ ନବ ଧରମ ସୁନ୍ଦର ।

Digitized by srujanika@gmail.com

ସେହି ଧର୍ମପୁରେ   ଭୂରି ଭୂରି ସୂରି
ପୂରି ଯୁଗେ ଯୁଗେ   ଏହି ଦେବ ପୁରୀ (୧)
ପୂରାଇଲେ ପୁଣି   ଦେଶ ଦେଶାନ୍ତର
ଉପଦେଶ ସୁଧା—   ରସେ ନିରନ୍ତର,

ସତ୍ୟ ଧର୍ମ ସାଥେ   ସଦ୍‌ଜ୍ଞାନ-ସହିତ
ବହିଗଲା ଦଶ   ଦିଶି ଅବାରିତ ।
ଥିଲା କି ସୁପ୍ରଭା   ଭାରତ ଧରଣୀ
ଲଭିଲେ ଯେ କାଳେ   ସକଳେ ଏ ମଣି !

ରଚିଲେ କେ କେତେ   ଦିଗ୍‌ଗଜ ପଣ୍ଡିତ
ନାନାଶାସ୍ତ୍ର ଧର୍ମ-   ସୂତ୍ର ତର୍କାଶ୍ରିତ,
କଳା ବିସମ୍ବାଦ (୨)—   ବିଦ୍ୟାର ଯେସନ
ହୋଇଥିଲା ବୃଦ୍ଧି,   କଳାର ତେସନ

ହେବାରୁ ସମୃଦ୍ଧି,   ଦେବଙ୍କ ମିଳନେ
ଭାରତ ଭାସି ତ   ସେ ଅପୂର୍ବ ଧନେ ?
ସେହି ଧନେ ହୋଇ   ଆଦ୍ୟ ଅଧିକାରୀ
କେତେ କେତେ ମୁନି   ଶୁଦ୍ଧ ବୁଦ୍ଧିଧାରୀ,

ସମାଜର ହିତେ   ଭଜି ପରିବ୍ରଜ୍ୟା
ଗୁହା ଗିରିଖୋଲେ   କଲେ ତପଶ୍ଚର୍ଯ୍ୟା

(୧) ଭାରତ
(୨) ବିରୋଧୀ

Digitized by srujanika@gmail.com

ଧନ୍ୟ ଯତି ! ତୁମ୍ଭ ସ୍ୱଳ (୧) ଚସ୍ତ୍ରଳତା
ଯାପିଲ ସେକାଳ ଅର୍ଜି ଅମରତା ।

କେଉଁ ଦମ୍ଭେ ତୁମ୍ଭେ ଶୂନ୍ୟ ଶୈଳମୂଳେ
ଗମୁଥିଲ ଦନ ମହାନଦୀ କୂଳେ ?

ଚଉପାଶେ ଶ୍ୱାମ ଷଇଳ ପଙ୍କତ
ମଧ୍ୟେ ଜଳାରଣ୍ୟ କ ବସ୍ତଟ ଅତ ?

ବଷସ୍ଥୀଙ୍କୁ ଏହା ପିନା ଭୟଙ୍କର ?
ଥିଲ ତୁମ୍ଭେ କନ୍ତୁ, ଶୋଭାର କନ୍ଦର ।
ନସର୍ଗ ସୁଷମା— ସୋମରସପାନେ
ମତ୍ତ ହୋଇ ସିନା ରତ ଥିଲ ଧ୍ୟାନେ ?
ଦେଖିଥିବ କେତେ ବସି ଏ ମାଟେରେ
ଏହି କଲ୍ଲୋଳିନୀ— କେଳି ବେନ ତୋଳେ ।
ଏ ସ୍ନିଗ୍ଧ ଶ୍ୟାମଳ ତରୁ ଗୁଳ୍ମଜାଳେ
ଶୁଭ୍ର ସଇକତ— ଟଙ୍କ ଶୈଳମାଳେ ।

ଦିବ୍ୟ ଛବି ଅନୁ— ଭବ ଏ ମାରବେ
ଥିଲ ହେବେ ହେଲି ପାର୍ଥିବ ବିଭବେ ।

କାହିଁ ଗଲା ତୁମ୍ଭ ସେ ଧ୍ୟାନ ଆସନ
ରହିଲା କେବଳ ଏ ଶିଳା-ପଉନ ।

ଶୂନ୍ୟ ଗୁମ୍ଫା ବନ୍ଧ ପଡ଼ୁଛି ନରାଜ

(୧) ଗୁହା ବା ଗୁମ୍ଫା ।

Digitized by srujanika@gmail.com

ଏ କାଳକୁ ଲୋକେ   ତନ୍ଦ୍ରିଁ କ ନାରଜ ?

ଅହିଂସା ଅଭଗ୍ନ—   ଆଦ୍ୟ ସତ୍ୟ ବାଣୀ
ବଖାଣିବା ପାଇଁ   ଅଛୁ କେ ବହ୍ନାଣୀ ?

କଣ୍ଠତରେ ନାହ୍ନା   ଏ ଗୁମ୍ଫା ଅନ୍ତର
ଅଙ୍କୁରଇ ଦିଏ   ଭାବୁକ ଅନ୍ତର ।
ଏ ଶିଳା-ମଣ୍ଡପ   ଏ ଶୈଳ ପବନ,
ତବ ଅନ୍ତେବାସୀ   ପ୍ରାପ୍ତ ଅନୁକ୍ଷଣ ।
ଖଟନ୍ତ ପଥିକ   ପଥ୍ୟ ଲାଗି ଆହା,
ବାହାରର ତାପ   ନ ପାଏନ୍ତି ରହ୍ନା !

ଏ ନିବାଢ ବନ   ସଜବନ ଶଂସୀ
ନୃଶଂସ ଆତପ—   ପ୍ରତାପକୁ ଧ୍ୱଂସି
ଦେଉଛି ଆଶ୍ୱାସ   ଶୀତ ଗାତ୍ରସ୍ପର୍ଶେ
ଦୂର ଦାବାଗ୍ନିର   ତପତକୁ ଧର୍ଷେ ।
ଏ ନଦୀ ତରଙ୍ଗେ   ଶୀତଳିତ ଅଙ୍ଗ
ମନ୍ଦାନିଳେ ସ୍ଥୁଳୀ   ଲଭି ଅଙ୍ଗସଙ୍ଗ,

ବିତରଇ ସେନ୍ତ୍ର   ଶାନ୍ତ ସୁଧାରସ
କ୍ଷଣେ ହୃଦ ଯାରେ   ହୁଅଇ ସରସ ।

କେତେ ଯତ୍ନେ ଭଲି · ଲଭିବ ସମାଧି !
ଅଯତ୍ନ· ଲବଧ   ଏଥି ଶାନ୍ତିବାର ।

ଏଠାର ମାଧୁରୀ   ଏ ଦେଶ ସୁଷମା,

Digitized by srujanika@gmail.com

ଏ ପୁଣ୍ୟ ବିଭୂତି   ପ୍ରୀତି ନିରୁପମା ।
ଏ ସ୍ୱଜନ ସ୍ମୃତି—   କମନୀୟ ଛବି
ପାଇବ କି ପରେ   ବସି ଅନୁଭବି ?
ଯେତେ ଦେଖି ତାହିଁ   ମୋହିନୀ ମୂରତି
ହେବ କି ତାହିଁରେ ଆତ୍ମାର ତୃପତି ?
ସେ ରୂପରେ କାହିଁ   ଏତେ ପବିତ୍ରତା
ବିଶ୍ୱଜନପ୍ରିୟ   ସାଧୁତା ମୃଦୁତା !
ଭୁଞ୍ଜିବାକୁ ବାଞ୍ଛା   ଥିଲେ ଏ ସମ୍ପଦ
ଭଜ ପଦେ ହେଲେ   ଏ ଭକ୍ତି ଆସ୍ପଦ !
ଖସିଲାଣି ଏବେ   ଦର୍ପ ତପନର
ଖଣିଗର୍ଭ ପୁଣି   ହେଲାଣି ମୁଖର ।
ଚଳିଲେ ପଥିକେ   ଶ୍ରାନ୍ତ୍ୟାତୁରୁ ତେଣି
ନିଜ ନିଜ ଦୁଃଖେ   ମନେ ମନେ ହେଜି ।
ଗାଈଆଳ କଳ   ନଦୀରୁ ପିଆଇ
ଉପରକୁ ପୁଣି   ଚଢ଼ିଲାଣି ଗାଈ ।
ଆହାର ସଂଗ୍ରହ   ଆଶା ବନ୍ଧ ହୃଦେ,
ବିହଗ ବିହଗୀ   ବିହରିଲେ ମୁଦେ ।
ଚଉପାଶୁ ଆସି   ପକ୍ଷୀ ଦଳେ ଦଳେ
ଆଶ୍ରୟ ଭଜିଲେ   ମହାନଦୀ-ଜଳେ ।
ଉଠିଲା ମଗର   ଉଡ୍ଡି ଯୋଗ୍ୟକାଳ

Digitized by srujanika@gmail.com

ଜଳ ଆସ୍ତରଣ   ଭେଦ ଝକରାଳ ।

କ୍ଷଣେ ଜଳପରେ   କ୍ଷଣେ ତା ଅନ୍ତରେ,
ହର୍ଷେ ମଧ୍ୟ ଗ୍ରାସି   ଚନ୍ଦେ ଗଡକରେ ।

ମହାନନ୍ଦ ଅଙ୍ଗେ   ଉପୁଜ ତରଙ୍ଗ
ପିଟି ହୋଇ ବେନ   କୂଳେ ଦେଲେ ଭଙ୍ଗ ।

ଦେଖି ଏହି ରଙ୍ଗ   ଉଠନ୍ତେ ଉପରେ
ଦକ୍ଷିଣ ପୂରୁବ   ରଖି ସମ୍ମୁଖରେ,
ପଡିଲା ଦକ୍ଷିଣେ   ଦୀର୍ଘ ଆୟତନ
ସମତଳ ଏକ   ଶିଳା ଆସ୍ତରଣ ।

ପ୍ରବେଶନ୍ତେ ଶାନ୍ତ   କାହୁଁ ଆସେ ତହିଁ
ମୋହେ ଯା ଭାବୁକ   ମନ ରହି ରହି ।

ଏ କଣ ପ୍ରକୃତ   ଅବା ବୌଦ୍ଧକୃତ !
ନ ଜାଣିଲେ ଚିତ୍ତ   ନ ଲଭେ ନିବୃତ୍ତି ।

ବୋଧିସତ୍ତ୍ୱଙ୍କର   ଥିଲା କି ଏ ସଭା ?
ତାଙ୍କ ବିନା ଆନେ   ଏତ ଅସୁଲଭା ।

ଏହି ଠାବେ ଉଭା   ହୋଇ ବାଗ୍ମି ବରେ
ପ୍ରଚାରୁ ଥିଲେ କି ଧର୍ମ ଏ ଅଞ୍ଚଳେ ?

ଗୁହାବାସୀ ଯତି—   ମାନେ ବା ବାହାର
ହେଉଥିଲେ ଏଥି   ଶୋଭା ଅଧିକାର !
ନଷ୍ଟେ ବହୁ ପଦେ   ପୂତ ଏହି ସ୍ଥଳ

Digitized by srujanika@gmail.com

ତଳେ ପୁଣି ଦୂରେ   ବନେ ତଳ ଗଡ଼ ।
ଗୈରିକ ରଞ୍ଜିତ   ଲଉଥି ଫରେ ଧୂଳ
ଖଣ୍ଡାକାରେ ଯହିଁ   ଢଣ୍ଢେ ମାନ ମାଳ,
ଏ ରମ୍ୟ ଅଞ୍ଚଳେ   ଦେଖି ଏ ବଦତ
ହୃଦେ ଜାଗେ ଆଗେ   ସେ ପୂର୍ବ ମୂରତ ।
କେଉଁ ରାଜାଙ୍କର ଥିଲା ରାଜଧାନୀ
କେ ତାହା ଏକ୍ଷଣି   ପାରିବ ବଖାଣି ?
ଇତିହାସ ଯହିଁ   ହୋଇଛି ନୀରବ
ସେ ସତ୍ୟ ଲଭେ କେ   କରିବ ପ୍ରୟାସ ?
ଏକା କଳ୍ପନା   ବିବୃତବଦନା
କରିପାରେ କଷ୍ଟେ   ତାର ଉଦ୍ଭାବନା !
ହରାଇ ଏ ସ୍ଥଳୀ   ସେ ପୂର୍ବ ଗୌରବ
ହୋଇଅଛି ଏବେ   ବିଲୁପ୍ତ-ବିଭବ ।
କାହିଁ ଗଲା ସେହି   ନବାଢ଼ ନଗର,
ଉଡ଼ୁ ଥିଲା ଯହିଁ   ନିତ ପରଘର,
ତୋରଣ ମସ୍ତକେ   ଗୁରୁ ବୈଜୟନ୍ତୀ
ସିଂହାସନେ ବସୁ—   ଥିଲା ରାଜଛତ ।
ଅନ୍ତଃପୁରେ ଥାଇ   ଯହିଁ ପୁରନାରୀ
ଉଭର ପ୍ରାଚୀର   ସମ ମନୋହାରୀ,
ଏହି ଶୈଳପରେ   ରଖି ସ୍ଥିର ଭୂରୁ

ନରେଖୁଣ ଥିବେ ସଖୀସଙ୍ଗେ ଦୂରୁ ।
ପଲ୍ଲବିତ ତରୁ ବ୍ରତତୀର ଶୋଭା
ନବୀନ ବସନ୍ତେ ମନ ନେତ୍ର ଲୋଭା ।
ତହିଁ ସଙ୍ଗେ ନାନା ପକ୍ଷୀଙ୍କର ମେଳା
ଡାଳରେ ବିଳସି— ବସନ୍ତର ଖେଳା ।
ଶୁଣୁଥିବେ ପୁଣି ପିକ କଳସ୍ୱନ
କୂଜନ ସଙ୍ଗତେ ମଧୁପ ଗୁଞ୍ଜନ ।
ଏହି ଶୃଙ୍ଗେ କେବେ ନବର ରସିକେ,
ନୃବର ଗବାକ୍ଷେ ଦେଖୁଥିବେ ଠିକେ,
ପୁର ପ୍ରାଙ୍ଗଣର ବିଚିତ୍ର ମାଧୁରୀ,
ସୁଧାରସେ ହୃଦ ଯାଉଥିବ ପୂରି ।
ଚାହୁଁଥିବେ ଯେବେ ପଦାତି ପଙ୍କତି
ତଥା ରଥ ବ୍ୟୂହ, ସେ ଛବି କେମତି ?
ଅଶ୍ୱ ପୃଷ୍ଠେ କରି— ଷ୍ଟୋଟମାର ଥୋକେ,
ବୁଲନ୍ତେ ଚଞ୍ଚଳେ ଏଥି ଢବାଲୋକେ,
କ୍ଷଣେ ହେଉଥିବ ନେତ୍ର ଅଗୋଚର,
ଦରଶନେ ଯାର ସହର୍ଷ ନୃବର ।
ମହାନଦୀ ଜଳେ ହସ୍ତୀଙ୍କ ସନ୍ତର
ଦିଶୁଥିବ ଆହା ! କେମନ୍ତ ସୁନ୍ଦର !
ନବର ଉଠିବେ ଏଥି ବାଦ୍ୟଧ୍ୱନି

Digitized by srujanika@gmail.com

ଧ୍ୱନମନ୍ତ୍ର କରୁ— ଥିବ ଏ ଅବନୀ,
ପ୍ରତି ଶୈଳଦେହେ ହୋଇ ପ୍ରତିହତ
ପୁଣି ନଦୀ ବତ— ଷବଦ ସଙ୍ଗୀତ ।

ଏହୁ ଘୋର ରୋଳେ ଭାଙ୍ଗୁଥିବ ଜାଣ
ଏ ନଗ୍ରେଳେ ବୌଦ୍ଧ— ଯତିଙ୍କର ଧ୍ୟାନ ।

ଏହୁ ଶୈଳ ମୂଳେ ଗଜବାଜଶାଳ
ଥିବ, ଏବେ ତାର କାହିଁ ବା କଙ୍କାଳ ?

ପ୍ରତି ପ୍ରାତେ ଏଥି କବିଙ୍କା ଚର୍ବଣ-
ସଙ୍ଗେ କରୁଥିବେ ରୁଚିରେ ଲେହନ,

ଆହାର ପଶ୍ଚାତେ ପଇଛିବ ଶିଳା,
ଝୁଲୁଥିବେ ଗଜେ କରି ଚନ୍ଦ ଲୀଳା ।

ତାଙ୍କର ବୃହଂତ ହ୍ରେଷା ମିଶ୍ରିବେ
ମୁଖରିତ ସଦା ଗୁମ୍ଫା ଏହିଠାବେ ।

କଲ୍ଲୋଳିନୀ-ଜଳ କଳ ସେହିକାଳେ
ପରେ ଶ୍ରୁତିସୁଧା ଢ଼ାଳୁଥାଇ ଢ଼ାଳେ ।

ଶୁଣି ଅସମ୍ଭାଳେ ପୂର୍ଣ୍ଣ ଅନୁରାଗେ
ଢଷଙ୍ଘଳ ପାଦ ଗୃଳି ଆଗେ ଆଗେ,
ହରିଦ୍ରା କଳିତ— ଅଙ୍ଗୀ ବରାଙ୍ଗୀଏ
ନାନା ଭଙ୍ଗୀ କରି ଚଳନ୍ତି ସଭର୍ଏଁ ।

କେହି ରକ୍ତବସ୍ତ୍ରା କେବା ପୀତାମ୍ବରୀ

Digitized by srujanika@gmail.com

କେଶ ଘନ ନୀଳ- ଚେଳା ବିମ୍ବାଧରୀ ।
ଘୂବାମନଗଣ୍ଡୀ ଅଞ୍ଜନର ଗିରି
ଦଶେ ନେତ୍ରପ୍ରାନ୍ତେ କେମନ୍ତ ରୁଚିରି ।

ଆକୁଳ କୁନ୍ତଳ ଝଳେ ଗଣ୍ଡଫଳେ
ସୁଢଳ ତାଟଙ୍କ ବେନକଣ୍ଠେ ଢଳେ ।

ବସ୍ତ୍ର ଫୁଟି ହେମ— ଅଙ୍ଗ ଦିଶେ ତୋର
ଯୁବା ଦର୍ଶକର କଷଣ ପାସୋରି ।

ମନ୍ଦାଳସେ ଧୀରେ ଚଳନ୍ତେ ପବନେ
ଅଞ୍ଚଳ କେତନ ସ୍ଫୁରଇ ସଘନେ ।

ବଜାଇ ଚରଣେ ନୂପୁର ବାଜଣା
ମଧ୍ୟେ ଦୋଳେ କଳ—ଧ୍ୱନିତ ରଶନା ।

ଏଣେ ତେଣେ ଲକ୍ଷ୍ୟେ ଚଳଭ୍ରୂ ଯୁଗଳ
ପ୍ରବେଶନ୍ତ ନଦୀ— କୂଳେ ସର୍ବ ଆଳୀ ।

ଦେଖି ସେ ପ୍ରସନ୍ନ ମହାନଦୀ ଜଳେ
ଅଙ୍ଗ ଢାଳିବାକୁ ପ୍ରସନ୍ନ ଅନ୍ତରେ,

ବୁଡ଼ାଇ ହେମାଙ୍ଗ ଉଠୁ ତରତରେ
ବସନ-ପଟ୍ଟିକା ବାତେ ଫରଫରେ ।

ଲଜ୍ଜାଭୟେ ଅଙ୍ଗ ସଙ୍କୋଚଣ ପୁଣି
ବୁଡ଼ନ୍ତ ବରାଙ୍ଗ ଢାଙ୍କି ସେ ତରୁଣୀ ।
ଅର୍ଦ୍ଧ ଭାସମାନ ସେ ମୁକ୍ତ କୁନ୍ତଳ

Digitized by srujanika@gmail.com

ସେ ବିମଳ ଜଳେ   ଦିଶେ ତଳ ତଳ ।
ଭାବୁକ ମାନସେ   ଆସେ ଏହି ଭାବ
ଦେଖି ଏଥି ସୁର—   ଧୂନା ଆବିର୍ଭାବ,
ଶୈବାଳ ଲାଞ୍ଛିତ   ସ୍ୱର୍ଣ୍ଣ ପଦ୍ମାବଳି
ସକୁନ୍ଦଳ ଗଳ—   ମୃଣାଳେ କି ଝୁଲି ?
ଖେଳୁଥିଲା ଯେଉଁ   ଅଙ୍ଗେ ଯେ ତରଙ୍ଗ
କେଉଁ କାଳୁଁ ଗୁଡ଼   ଦେଲାଣି ତା ସଙ୍ଗ ।
ଭାସିଗଲା ପ୍ରାୟେ   ସୁନ୍ଦରୀର କେଶ
ଗଲାଣି ସେ ଦେଶ   ନାହିଁ ଚିହ୍ନ ଲେଶ ।
ବୁଡ଼ିଗଲା ଗଡ଼   କେଉଁ ରସାତଳେ
ତଳଗଡ଼ ନାମ   ରହିଲା ଭୂତଳେ ।
ଗଡ଼ ନାହିଁ ଗଡ—   ନାୟକେ ଅଛନ୍ତି
ପାଇକ ଭାଇଙ୍କ   ସଙ୍ଗେ ବାନ୍ଧି ପନ୍ତି ।
କାହିଁ ଗଲା ସେହି   ନାଗରୀଙ୍କ ଲୀଳା
ସବୁ କି ପାଲଟି   ଗଲା ଖଣି ଶିଳା ?
ତେଣୁ କି ଏ ମାନ   ବିବିଧ ବରଣ (୧)
ହରନ୍ତି ଦର୍ଶନେ   ଦର୍ଶକ—ନୟନ ।
କାହିଁ ଗଲା ସେହି   ଚତୁରଙ୍ଗ ବଳ
ଯା ଯୋଗ ଏ ସ୍ଥଳ   ଥିଲା ଉର୍ଜସ୍ୱଳ ।

(୧) ଏଠା ଖଣିରେ ବିବିଧ ବର୍ଣ୍ଣର ସୁନ୍ଦର ପଥର ଦେଖାଯାଏ ।

Digitized by srujanika@gmail.com

କାହିଁ ଗଲେ ମନ୍ତ୍ରୀ— ପଣ୍ଡ ବଂଶଧରେ
କାହିଁ ତାଙ୍କ କୁଳ ଖାରଣ୍ଡ ଏ ତଳେ ?
ସବୁ ଏହିପରି ଏ ଭବେ ଭଙ୍ଗୁର
ସର୍ବଂକଷ କାଳ କି ନ କରେ ଚୁର !
କି ଫଳ ତେବେ ଏ ବୃଥା ଆସ୍ଫାଳନେ
ଅଭିମାନ-ସ୍ଫୀତ ବକ୍ଷ ପ୍ରସାରଣେ ?
କି ଧନ ସମ୍ମାନ କି ଗୁଣ ଗୌରବ
ସବୁରି ତ କାଳ—ହସ୍ତେ ପରାଭବ ।
ଏ ମାନ ପାଦପେ ପୁଷ୍ପ କଣ୍ଟକସ୍ତୁ
ପଲ୍ଲବେ ସୁନ୍ଦର ନୁହଇଟି ଅସ୍ତୁ ।
ବୃକ୍ଷତଳେ ନତ ଫେଡ଼େ ଚେଉଁ ଗୁମ୍ଫା
କେତେ ଆଡ଼ମ୍ବର—ଶୂନ୍ୟ ତାର କାମ୍ୟା ?
ନାହିଁ ତହିଁ ଭେଦ ପୁଷ୍ପ ପଲ୍ଲବର
ସୂକ୍ଷ୍ମ ସତ୍ତ୍ୱ ଏକ ଦିଶେ ମନୋହର,
ଏହି ସ୍ଥାୟୀଧର୍ମ ଅନୁସରି ସର୍ବେ
ଅନ୍ତର ନିର୍ମଳ କର ଏହି ଭବେ ।
ଉତ୍ତରକୁ ଚେତ୍ତ ଏହି ଶୁଦ୍ଧ ବ୍ରତେ
ଚଳିଲି ଭାବିର ମୁଖେ ଟଙ୍କି ପଥେ,
ଏଡ଼େ ଚେ ଦିଶଇ ଗୋଲ-ଚୂନ କୋଠି (୧)

(୧) ପ.ହାଡ଼ର ଉତ୍ତରରେ ମହାନଦୀ କୂଳରେ ପୂର୍ବ ବିଭାଗର ସରକାରୀ କୋଠିଟି ଦିଶେ । ଏହାର ଗଠନ ବର୍ଣ୍ଣନାର ଅନୁରୂପ ।

Digitized by srujanika@gmail.com

ତାର ପଦତଳେ ମହାନଦୀ ଲୋଟି,
ଧୂଅଇ ସେ ଶର— ବଦ୍ଧଦୀର୍ଣ୍ଣ ଶିଳା
ଯା ଶିର ମଣ୍ଡନ୍ତ ସିନ୍ଦୂର-ଜଟିଳା,
ଅଦ୍ୟାବଧି ସେହି ଦେବୀଶଙ୍ଖେଶ୍ୱରୀ (୧)
ଯାର ଅତ୍ୟାଗ୍ରରେ ସୁରେନ୍ଦ୍ର-କେଶରୀ.
ଧନ୍ୱୀ ଧନଞ୍ଜୟ କୋପିଲେ ଦ୍ୱାପରେ,
ବନବାସୀ ହୋଇ ବନୁଁ ବନାନ୍ତରେ
ଭ୍ରମୁଥିଲେ ଯେବେ ସଂକଳ୍ପ ପାଳନେ
ଏ ଦେଶେ, ସେ କାଳେ ପଡ଼ିଲା ଶ୍ରବଣେ,
"ଶବର ଜନନୀ ସଂହାରଇ ସର୍ବେ
କେ ଅଛି ଉଦ୍ଧର, ଛିନ୍ଦିବୁଁ ଏ ଭବେ"
ସରୋଷେ ଗାଣ୍ଡୀବୀ ତହୁଁ ତରତରେ
ପେଷନ୍ତେ ନାରାଚ ଦେବୀ ଉଦ୍ଦେଶ୍ୟରେ,
ଆଶୀବିଷସମ ଭୀଷଣ ନିଃସ୍ୱନେ
କ୍ଷଣେ ଚମକାଇ ବ୍ୟୋମ ଆସ୍ତରଣେ,
ପଡ଼ିଲା ଏଠାରେ ଦେବୀ ପାଦମୂଳେ,
ତା ଦର୍ଶନେ ଦେବୀ ଅଥୟ ଆକୁଳେ

(୧) ପୂର୍ବକାଳରେ ଏହି ସ୍ଥାନରେ ଶବର ଦେବତ । ଶଙ୍ଖେଶ୍ୱରୀ ମନୁଷ୍ୟମାନଙ୍କ ଉପରେ ଉତ୍ପାତ କରୁଥିବାରଶୁଣି ବନବାସୀ ଅର୍ଜୁନ କ୍ରୁଦ୍ଧହୋଇତାହାକୁ ନାରାଚ ବା ଶର ବିନ୍ଧିଥିଲେ । ସେହି ନାରାଚ ଦେବୀଙ୍କ ପାଦ ପାର୍ଶ୍ୱରେ ପଡ଼ିବାରୁ ସେ ଭୀତ ହୋଇ ଜନସଂହାରରୁ କ୍ଷାନ୍ତ ହୋଇଥିଲେ ।

Digitized by srujanika@gmail.com

ସେ ନାରଚେ ଖଣ୍ଡ   ଖଣ୍ଡ ହୋଇ ଶିଳା
ଗଣ୍ଡଶୈଳୁ ଖସି   ନଦୀରେ ପଶିଲା ।
ସେହି ଦିନୁ ସ୍ଥଳୀ   ନରାଜ * ବିଦିତ,
ମହାନଦୀ ନୀର—   ଧୌତ ପଦାଙ୍କିତ ।
ଦକ୍ଷିଣେ ଏହାର   ନରାଜ କୁମାରୀ
କୁମାରୀ ପରାଏ   ଏହି ସୁକୁମାରୀ
ଥିଲା ଅବିକ୍ଷତ,   ହସ୍ତ ନ ଲାଗନ୍ତେ
ପ୍ରପୂରନ୍ତ ବକ୍ଷ   ଦେଖାଇ ଜଗତେ ।
ନଳାବନ୍ଧ (୧)   ଲାଗି ହୁଅନ୍ତେ ନିର୍ବନ୍ଧ
ବନ୍ଧ୍ୟ ହେଲା ସର୍ବ   ପୂର୍ବପ୍ରତିବନ୍ଧ ।
ସେହିଦିନୁ ଏହି   ପୂର୍ଣ୍ଣ ଗର୍ଭବତୀ
ଯୋଗାଇଛି କେତେ   ପାଷାଣ ସନ୍ତତି ।
ଅଦ୍ୟାପି ସେମାନ   କାଠଯୋଡ଼ୀ ବକ୍ଷେ
ସେତୁ ଦେହେ ପୂରି   ରହିଛି ପ୍ରତ୍ୟକ୍ଷେ ।

*ତେଣୁ ସ୍ଥାନର ନାମ ନାରଚ (ଅପଭ୍ରଂଶ ହୋଇ ନାରାଜ ବା ନରାଜ) ହେବାର ସ୍ଥାନୀୟ କମ୍ବଦନ୍ତୀ ପ୍ରଚଳିତ ଅଛି । ବର୍ତ୍ତମାନ ଏହା କୋଠି ତଳ ଗଣ୍ଡ ଶୈଳରେ ଗୋଟିଏ ଭଗ୍ନଶିଳା ଉପରେ ଶବରଦ୍ୱାରା ଏହି ଦେବୀଙ୍କର ପୂଜାଦି ହୋଇ ଆସୁଅଛି । ତତ୍ସଂଲଗ୍ନ ଗୋଟିଏ ଦୀର୍ଘ୍ୟଗ ବକ୍ର ମନୁଷ୍ୟାକାର ଶିଳାକୁ ଅଦ୍ୟାପି ସ୍ଥାନୀୟ ଲୋକେ ସେହି ନାରଚ ବୋଲି ଆଗନ୍ତୁକଙ୍କୁ ଚିହ୍ନାଇ ଦିଅନ୍ତି ।

(୧) ଆନିକଟ କାଠଯୋଡ଼ୀର ଆନିକଟ ହେବା ସମୟରେ ଏହି ନରାଜ କୁଆଁରୀ ନାମକ ଖଣିରୁ ପଥର ଯାଇଥିଲା । ପୂର୍ବୋକ୍ତ କୋଠିର ଦକ୍ଷିଣରେ ଏହି ପାର୍ଦ୍ଦ ଖଣିଟି ଅଛି ।

Digitized by srujanika@gmail.com

ଅନର୍ଗଳ ନଳା— — ରନ୍ଧ୍ରେ ଊର୍ଦ୍ଧ୍ୱ ଜଳ
କର୍ଣ୍ଣ କଟୁନାଦେ ଝରେ ଅବିରଳ ।

ନିଶାନ୍ତେ ନଗର—ବାସୀଙ୍କର ସ୍ୱାପ—
ଭଙ୍ଗେ ଦକ୍ଷ ଏକା ଏହାର ପ୍ରତାପ ।

ବାମେ ମହାନଦୀ ସମ୍ପୂର୍ଣ୍ଣ ନୀରବେ
କାଠଯୋଡ଼ି ପୂର୍ବ— ମୁଖୀ ଶୂନ୍ୟଗର୍ଭେ ।

ନଳା ବନ୍ଧେ ଏବେ ହୋଇ ସେ ଦୁର୍ବଳା
ଗ୍ରୀଷ୍ମେ ବସିଲଣି ହେବାକୁ ନିର୍ଜଳା ।

କ୍ଷୀଣ ଜଳରେଖା ଗ୍ରାମ ପୃଷ୍ଠଭାଗେ
ଗତପ୍ରାଣ ସ୍ତବ୍ଧ ପ୍ରାୟ ଧସେ ଆଗେ ।

ଦିବା ଅବସାନ ଦେଖି ଏବେ ପର
ନୀର ଆହରଣେ ହେଲେଣି ତତ୍ପର ।

ଏ ଗ୍ରାମ ଗୃହିଣୀ ବନ୍ଧ କୁମ୍ଭ ବେନ
ଏକ କରତଳେ ଆନ କକ୍ଷେ ଘେନ ।

ଗୋପାଳ ମଧ୍ୟରେ ଦେଇ ଗାଳତୁଣ୍ଡ
ଟିରଶିଖୁ ଗୋଠୁ ଆଣଇ ଘଉଡ଼ି ।

ବନ୍ଧ ଏବେ ବାଟ ଉସ୍ତନାଷ ଭବ
ବନ୍ଧିଲ ସ୍ୱରତେ ଯିଂକଟଳ ନଭ ।

ସିନ୍ଦୂରତ ପୁଣି ବାରୁଣୀ ଲଲାଟ
କନକର ଠୋପା ଯହିଁ ଜ୍ୟୋତିରାଟ ।

Digitized by srujanika@gmail.com

କ୍ଷଣକେ ସେ ଗୋଳା ସିନ୍ଦୂର କ୍ଷରଣେ
ଗୋଲକ ଝଳିଲା ଧାତକ ବରଣେ ।

ଘୋଟିଗଲା ଗୃହଁ ଗୃହଁ ପାଟଳିମା
ଜ୍ୟୋତ ପାରିଜାତ କବା ବ୍ୟୋମସୀମା ?

କ୍ଷୁଦ୍ର ସେ ବପ୍ରେ ତହୁଁ ଦେଲା ଦେଖା
କ୍ଷୁରିଦେଲା ପ୍ରାନ୍ତେ ବୃଷ୍ଟି ଅଭ୍ରରେଖା ।

କଜ୍ଜଳର ଗିରି ଯେହ୍ନେ ପରେ ପରେ
ଆଚରିଲା ସେହ୍ନ ଛବକ ଅମ୍ବରେ ।

ଡୁବିଗଲା ସେହ୍ନ କଜ୍ଜଳ ଉଡ଼ାଳେ
ସ୍ୱର୍ଣ୍ଣଛବି ରବି ଦେବଦ୍ୱାରପାରେ ।

ଫଗୁର ପିଚକା ମାରିଲା ପରସ୍ତେ
ରକ୍ତ ରଞ୍ଜକର ସ୍ଥିତିମୁଖେ ଯାଏଁ ।

ଧାଇଁଲେ ଯାବନ୍ତ ଜୀବ ଯେଝା ବାସେ
ଲିଭିଲେ ସେ ରବି ପଶ୍ଚିମ ଆକାଶେ ।

ପ୍ରସୃର କ୍ଷେତରେ ମହା କୋଳାହଳେ
ବାହୁଡ଼ିଲେ ମାଳ—ଚରୁଡ଼ାଳେ ଡରେ ।

ମେଳ ବାନ୍ଧି ଦଳେ ଦଳେ ବଟବୃକ୍ଷେ
ରହିଲେ କରଟେ ବସି ଅଧଚକ୍ଷେ ।

ରଥାଙ୍ଗ ଦମ୍ପତି ମହାନଦୀ କୂଳେ
ଶୋକାକୁଳେ ପକ୍ଷ ଯୁଗ୍ମ ଉଡ଼ିଗଲେ ।

Digitized by srujanika@gmail.com

ବସନ୍ତି ଅପର   ପାରେ ରଥାଙ୍ଗୀରେ
ଶୋକ-ସ୍ୱରେ କୋକ   ବାହୁଡ଼ିଲେ ଧୀରେ ।

କାହୁଁ ମହାଶୂନ୍ୟୁ   ଅଇଲା ଏ ଧାଇଁ
କାଳିମାରେ ସବୁ   ଦେଲାକ ଗୋଳାଇ !

ରୁହୁଁ ରୁହୁଁ ମହା   ସେ ଶୂନ୍ୟୁ ଗରଭେ
ଡୁବିଗଲା ଯେହ୍ନେ   ନୀରବେ ନୀରବେ ।

ନଭସ୍ଥଳେ ମିଶି—   ଗଲା ଶୈଳମାନ
ଗୋଟି ଗୋଟି ହୂଲୁ   ଭଜ ଅନ୍ତର୍ଦ୍ଧାନ ।

ସ୍ୱର୍ଣ୍ଣ ପୁଚ୍ଛ ମେଲି   ଦାବାଗ୍ନି ଭ୍ରମିତେ
ପର୍ବତ ପରତେ   ଆଣିଲା କଣ୍ଠେ ।

ଦେଖୁ ଦେଖୁ ରେଖା   ରେଖିଲା ପରାଏ
ଖେଦିଗଲା ଶିଖା   ଗିରି ଶିଖାଯାଏ ।

ରବିପଛେ ଧୂମ—ପୁଚ୍ଛ କି ବତାଇ
ଆସିଲା ଏ ଶ୍ୟାମ   ଧୂମକେତୁ ଧାଇଁ ?

ଧୂମକେତୁ ସମ   ବିଶ୍ୱ ହାସ କର
ଦୂରକୁ ପୁଣି ଏ   ଦିଶଇ ସୁନ୍ଦର,

ସୁନୀଳ ଅମ୍ବରେ   ଲିପ୍ତ ଶୈଳ ଅଙ୍ଗେ
ସ୍ଥିର ତଡ଼ିଲତା   ପରାଏ କି ରଙ୍ଗେ ?

ଉପଶ୍ଳତେ ଏଣେ   ଲଭି ଶୋଭାସାର
ପ୍ରାଚୀ ସୁହାସିନୀ   ଦିଶଇ ଉଦାର !

Digitized by srujanika@gmail.com

କସ୍ତୁରୀ ଲାଞ୍ଛିତ   ଚନ୍ଦନର ବନ୍ଦୁ
ପ୍ରାଏ ଶୋଭାପାଏ   ଭାଲେ ବାଳଇନ୍ଦୁ ।

ତାରକା ଗୁମ୍ଫିତ   ରତ୍ନମୟ ହାରେ
ପଦକ ପରାଏ   କବି କଳ୍ପନାରେ ?

ଢଭାବଳୀ ଆସୁ   ଢଭାରେ ଭାସ୍ୱର
ହୋଇ ଉଜଳିଲା   ଅବନୀ ଅମ୍ବର ।

ସୁଧାଧୌତ ପ୍ରାୟ   ଦିଶିଲା ଧବଳ
ପ୍ରସାରିତ କାଠ—   ଯୋଡ଼ୀ ଉରସ୍ଥଳ ।

ଦଣେ ସ୍ପନ୍ଦନରେ   ବୋଳା ଧାରାଜଳ
ସୁରଧୁନୀ ପୟଃ   ପରାନ୍ତେ ନିର୍ମଳ ।

ଶୀତାଂଶୁ ପରଶେ   ଶୀତ ସମୀରଣ
ଆସିଲା ମୁଖର   ଖର ତରୁବନ ।

ନରମୁଣ୍ଡ ଗଢ଼ା   ଏ ମୁଣ୍ଡମୁହାଣ
ଶୁଭ୍ରତାରେ ଆହା   କେଡ଼େ ମହୀୟାନ !

ସମର ବିଜୟୀ   ଶ୍ୱେରଗଙ୍ଗଙ୍କର
ଯଶଃ ପଟ୍ଟବତ   ଦଶଇ ଭାସ୍ୱର !

ତପସ୍ୱିତେ ଏବେ   ଶୋଭେ ଶିରଧ୍ୱଂସୀ
ତତ୍ତ୍ୱାନାସି ନାମେ   ଭଗ୍ନ ବାରଣସୀ ।

ଲଭି ନାହିଁ ତାର   ପୂର୍ବ ଅଭିମାନ
ସଂସ୍ଥାରେ ଅଦ୍ୟାପି   ରହିଛି ଶ୍ମଶାନ !

Digitized by srujanika@gmail.com

ଛଟକେ କଟକୁଁ ନାନା ଗଳ୍ପ ଭାଷି
ଆସନ୍ତ ନଗର ପୁରଅଧିବାସୀ ।

ବହୁକଷ୍ଟେ ଯାହା ନେଇଥିଲେ ବାନ୍ଧ
ବନମଧ୍ୟ ତାର ପାଇଛନ୍ତ ସାନ୍ଧ ।

ନାହିଁ ଆଉ ଚନ୍ଦ୍ରା, ସେ ପ୍ରଖର ତାପ,
ବୈପରୀତ୍ୟେ ଏବେ ଆନନ୍ଦ ଅମାପ ।

ନଣା ପାତେ ଯେଝା ବାସେ ଗଲେ ଚଳି,
କାଠଯୋଡ଼ୀ ବକ୍ଷ ହେଲା ନେଝାର୍ଗଳୀ ।

ଅର୍ଗଳୀ ହେଲା ସେ ଶୋଭାର ଭୁବନେ
ଫେରିଲି ଭବନେ ତେଣୁ ଶୂନ୍ୟମନେ ।

ଆହା; ଏହି ଶୋଭା ବାଣୀ-ସଞ୍ଜୀବନୀ
ଦବେ ବଣ୍ଟ ଜନ— ମନ ଆହ୍ଲାଦନୀ ।

ଏହି ବିନା ସର୍ବ ଜୀବର ଜୀବନ,
ଏହା ଯେନ ଦୁଃଖ— ଭୁବନେ ଚେତନ

ଜୀବନ୍ତ, ଯାବନ୍ତ ଏକାଳ ଅର୍ଣ୍ଣବ
ଅଭ୍ୟାସି ନାହିଁକି ଗ୍ରାସ ଅନୁଭବ ।

ନହେ କେଉଁ ପ୍ରାଣୀ ଯାସେ ବଞ୍ଚିତ
ଭବୁଁ ଶୋଭାବାଣୀ ହେଲେ ଉଦ୍ବୋଧିତ ।

ଶୋଭା ଆବର୍ତ୍ତିବେ ସର୍ବେ ଜାଗରୂକ
ଶୋଭା ଯୋଗୁଁ ବିନା ମୂର୍ଖ ବାଚଦୂକ ।

Digitized by srujanika@gmail.com

ଏ ନିସର୍ଗ ସେବା   କରି କବିବରେ
ଲଭିଥିଲେ ଦିବ୍ୟ   ରସନା ତା ବରେ ।

ନମଇଁ ଗୋ ଶୋଭି—   ଦେବି, ତବ ପଦେ
ଭାଗୀ କର ମୋତେ   ସେ ଦିବ୍ୟ ସମ୍ପଦେ ।

କରୁଣେ ବରଦା   ହୁଅନ୍ତି ବାଗ୍‌ଦେବୀ
ବରି କବିବର୍ଗେ,   ତୋର ପଦସେବୀ ।

ଦିଅ ମା ସେ ବର   ସେ ବିଭବ ଆଣି,
ତବ ପ୍ରସାଦରେ   ଲଭିବି ସେ ବାଣୀ !

ଶୋଭାମୟୀ ବିଶ୍ୱ,   ଶୋଭାର ଜଗତ
ଜଳ ପ୍ରସାରିତ,   କିନ୍ତୁ ଅଶକତ

ଏ ଅଧମ ଜନ   ତାହାର ଗ୍ରହଣେ
ଦିଅ ପ୍ରଭୁ, ନବ   ଶକ୍ତି ଏ ଜୀବନେ ।

ଫଲ୍ଗୁ ଦଶମୀରେ   ଏ ଫଲ୍ଗୁ କବିତା
କାହା କରେ ବଢ଼ି   ହେବ ବା ଶୋଭିତା !

ନାହିଁ ଏଥି ଲବେ   କବିତାର ଛଟା
କବିକଳ୍ପନା   ଅଳଙ୍କାର ଘଟା ।

ବାଣଛନ୍ଦ ସୁଧା—   ସ୍ୱାଦ ଯେଉଁମାନେ
ସେ କିପାଁ ରସିବେ   ଖାର ଜଳପାନେ ?

ଶୁକ୍ଳବର୍ଣ୍ଣ ସ୍ୱର୍ଣ୍ଣ   ସମୀପେ ଦେଖି ଏ
ଭୁକ୍ତା ପିତଳକୁ   ପସ୍ତରବ କିଏ ?

Digitized by srujanika@gmail.com

କାହା ପାଖେ ଏହି   ତୁଚ୍ଛ କାରଗରୀ
ଦେଖାଇବ କେଉଁ   ଧନ୍ୟ ଅବା ଧନ ?
ବରଜ ଥିଲି ମୁଁ   କବିତା ପ୍ରସଙ୍ଗ
ଅରଜିଲି ମନ   ଏକ ଅନ୍ୟାସଙ୍ଗ ?
କବିବରଙ୍କର   ଉପଦେଶ ଉରେ
କବିତାକୁ କେବେ   ଲେଖନୀ ନ ଧରେଁ ।
ରଚନାରେ ସେହି   କବିଙ୍କ ଭାରତୀ
ରଞ୍ଜନାରେ ଖୋଳି   ବନାଇଲି ମତି ।
ଖ୍ୟାତିଲୋଭେ ଅବା   ଯଶ ଲାଳସାରେ
ଲେଖି ନାହିଁ ପାଞ୍ଚ   ଲୋକ ବ୍ୟବହାରେ ।
ସ୍ଥାନକ୍ଷଣ ପାଇ   ବଳିଗଲା ମନ
ନାହିଁ ମୋ ଏଥିରେ   କଷ୍ଟହିଁ ଯତନ ।
ଜାଣଇ ଏହାର   ନୋହିବ ଆଦର
ତଥାପି ଅନ୍ତରେ   ହେଲା ଏହି ବଳ,
ଏ କବିତା ଲୋକେ   ହେଲେ ହସ୍ତଗତ
ଗୁଣ ବୈପରୀତ୍ୟେ   ନଷ୍ଟେ ବଢିବ ତ
ଆନର ମହତପଣ,   ତାହା ଶ୍ରେୟ,
ନାହିଁ ଦୁଃଖ ଏହା   ହେଉ ପଛେ ହେୟ

—:*:—

(ସମାପ୍ତ ।)

Digitized by srujanika@gmail.com

Printed by B. K. Kar,
THE SARASWATA PRESS,
CUTTACK.
1928.

Digitized by srujanika@gmail.com